# ଗର୍ବିତ ଓଡିଆ

ODIA WEEKLY ● GARVIT ODIA

## ଚର୍ଚ୍ଚିତ ରାଜ୍ୟସଭା ନିର୍ବାଚନ

## ଶଙ୍ଖ-ପଦ୍ମ-ହାତକୁ ହାତୀ ଚିନ୍ତା

## ଜାତି ଗଲା; ପେଟ ପୂରିଲାନି

## ନବୀନଙ୍କ ଆକ୍ସନ୍

## ପ୍ୟାରୀଙ୍କ ବ୍ୟକ୍ତିତ୍ୱର ଅନାଲୋଚିତ ଦିଗ

## ଯାଜପୁର ବିଜେଡିର ନିଶ ନାହିଁ

ଇ ପେପର୍ ଓ ନ୍ୟୁଜ୍ ପାଇଁ ସ୍କାନ୍ କରନ୍ତୁ

PRGI Registration No. ORORI/25/A3457 | garvitodia@gmail.com | https://epaper.garvitodia.in

VOL-1 ISSUE-9 19 JANUARY-25 JANUARY 2026 KHORDHA Price-Rs 10/-

ଭାଗ-୧ ସଂଖ୍ୟା-୯ ୧୯ ଜାନୁଆରୀ-୨୫ ଜାନୁଆରୀ ୨୦୨୬ ଖୋର୍ଦ୍ଧା ମୂଲ୍ୟ-୧୦ ଟଙ୍କା ମାତ୍ର





# ନିର୍ବସ୍ତ୍ର ନର୍ତ୍ତକୀର ଟିଆରପି

ଅର୍ଥନୀତି କହୁଛି ଚାହିଦା ଅନୁସାରେ ଯୋଗାଣ। ଗଣମାଧ୍ୟମ କହୁଛି ଦର୍ଶକଙ୍କ ରୁଚି ଅନୁସାରେ ଖବର। ଲୋକେ ଭେଲ ଖବର ଅଧିକ ଦେଖୁଛନ୍ତି ବୋଲି ଗଣମାଧ୍ୟମ କୁଆଡ଼େ ଭଲ ଖବର ଅପେକ୍ଷା ତା' ଉପରେ ବେଶୀ ଫୋକସ କରୁଛନ୍ତି। ନେତା କହୁଛନ୍ତି, ଲୋକେ ମାଗଣା ପାଇଲେ ଭୋଟ୍ ଦେଉଛନ୍ତି, ଟଙ୍କା ନେଲେ ଭୋଟ୍ ଦେଉଛନ୍ତି । ସେଥିପାଇଁ ଆମେ ମାଗଣା ଯୋଜନା ଆଉ ନୋଟ୍ ଦେଇ ଭୋଟ୍ ନେଉଛୁ । ହେଲେ ସ୍ୱାଧୀନତାର ପ୍ରଥମ ଦଶନ୍ଧିରେ କ'ଣ ସରକାର ଏଇଆ କରି କ୍ଷମତାକୁ ଆସୁଥିଲେ ନା ଲୋକେ ନୋଟ୍ ନେଇ ଭୋଟ୍ ଦେଉଥିଲେ। ଏଗୁଡ଼ାକ ସବୁ ବାହାନା ଆଙ୍କା। ଆମେ ବୁଝୁଛୁ ବେଳେବେଳେ ଯୋଗାଣ ଅଧିକ କରି ଏମିତି ଭାଣ୍ଡ ଚାହିଦା ସୃଷ୍ଟି କରାଯାଉଛି।

ଏବେ ନଗ୍ନତାକୁ ନେଇ ରାଜ୍ୟ କମ୍ପୁଛି। ଯାତ୍ରା ପେଣ୍ଡାଲରେ ନିର୍ବସ୍ତ୍ର ନାଚୁଥିବା ଝିଅଟେ ଘଣ୍ଟାକ ପାଇଁ ପଚାଶ ଷାଠିଏ ହଜାର ନେଉଛି। ତାକୁ ଦେଖିବାକୁ ଯାତ୍ରା ହଲ୍ ହାଉସଫୁଲ୍। ସଂସ୍କୃତିବିତ୍‌ମାନେ ବିରୋଧ କରୁଛନ୍ତି। କାର୍ଯ୍ୟାନୁଷ୍ଠାନ ପାଇଁ ସରକାର ବି କହୁଛନ୍ତି। ହେଲେ ଆମର ପ୍ରଶ୍ନ ? ଯାତ୍ରାରେ ନାଚିବାକୁ ଆସିବା ପୂର୍ବରୁ ନିର୍ବସ୍ତ୍ର ନାଚରେ ମାହିର ଝିଅର ବଡ଼ ହୋର୍ଡ଼ିଂ ଲାଗିଲା ବେଳେ ତାକୁ ଚିରୁଛି କିଏ ? ମାଇକରେ ସେଇ ଝିଅ ଆସୁଛି ବୋଲି ପ୍ରଚାର କରିବା ବେଳେ ବାଟରେ ପ୍ରତିବାଦ କରୁଛି କିଏ ? ଯାତ୍ରା ପେଣ୍ଡାଲରେ ସେ ନାଚୁଥିବାବେଳେ ବିରୋଧ କରୁଛି କିଏ ? କେହି ଆଙ୍କା ବିରୋଧ କରୁନାହାନ୍ତି । ଯଦି ବିରୋଧ ହୁଅନ୍ତା, ତାହେଲେ ପେଣ୍ଡାଲ ଉପରେ ସେ ଚଢ଼ିବା କଥା ତ ଦୂରର କଥା, ସେ ଆସିବା କଥା ଶୁଣି ଲୋକେ ତ ଯାତ୍ରା ମଞ୍ଚ ଭାଙ୍ଗିଦିଅନ୍ତେ । ଥରେ ଭଙ୍ଗାହେଲେ ତାକୁ କିଏ ଡାକନ୍ତା ନା ସେ କୁଆଡ଼େ ଆସନ୍ତା। ଯାତ୍ରା ପାର୍ଟି ଆଣୁଥିବା ଯୁବକମାନଙ୍କ ପରିବାର ବର୍ଗ ବି ଆସୁଛନ୍ତି । ସେ ଗାଁ ବା ଆଖପାଖ ଲୋକ ବି ଫ୍ୟାମିଲି ଆଣିକି ଆସୁଛନ୍ତି । ସେମାନେ କ'ଣ ଜାଣିନାହାନ୍ତି ସେ ଝିଅ କେମିତି ନାଚେ ବୋଲି? ତଥାପିବି ଆସନ୍ତି, ଦେଖନ୍ତି। ହଁ ବିରୋଧ ହେଉଛି ସତ, କିନ୍ତୁ କେତେ ପ୍ରତିଶତ ବିରୋଧ କରୁଛନ୍ତି। ଯେଉଁଥିପାଇଁ ଅନେକ ସମୟରେ ଯାତ୍ରା କମିଟି ସହ ସେମାନଙ୍କର ବି କଳି ହେଉଛି । ଅର୍ଥାତ୍ ନଗ୍ନତାକୁ ଅଧିକାଂଶ ଲୋକ ସମର୍ଥନ କରୁନଥିଲେ, ନିର୍ବସ୍ତ୍ର ଝିଅ ଏମିତି ପେଣ୍ଡାଲ ଉପରେ ଡ୍ୟାନ୍ସ କରନ୍ତା ନାହିଁ । ଭୋଟ୍ ରାଜନୀତିର ଅଙ୍କ ହେଉଛି, ଖଣ୍ଡେ ଅଧିକ ଭୋଟ୍ ପାଇଲେ ବି ସେ ବିଜେତା । ତେଣୁ ନଗ୍ନତାକୁ ସମର୍ଥନ ନା ବିରୋଧ ବୋଲି ଭୋଟ୍ ହେଲେ ସେଇ ଝିଅ ସପକ୍ଷରେ ଅଧିକ ମତ ଯାଉଛି ବୋଲି ସେମାନଙ୍କ ଉତପାତ ବଢ଼ିବାରେ ଲାଗିଛି । ଆଉ ରହିଲା ମିଡ଼ିଆ କଥା, ତାରି ଭିଡ଼ିଓ ଦେଖାଇ ମିଲିୟନ ମିଲିୟନ୍ ଭିଉ ନେଉଛନ୍ତି । ଭଏସ ଓଭରରେ କହୁଥିବେ, ଏହା ଠିକ୍ ନୁହେଁ । କିନ୍ତୁ ତାର ଭିଡ଼ିଓ ଦେଖାଇ, ତା'ର ସାକ୍ଷାତକାର ନେଇ ଆମେ ତାକୁ ହାଇଲାଇଟ୍ କରୁନାହେଁ କି ? ସବୁଠାରୁ ଦୁଃଖର କଥା, ବଡ଼ ବଡ଼ ମିଡ଼ିଆ ବି ଟିଆରପି ପାଇଁ ନିର୍ବସ୍ତ୍ର ନର୍ତ୍ତକୀକୁ ଷ୍ଟୁଡ଼ିଓରେ ବସାଉଛନ୍ତି। ତାକୁ ଷ୍ଟୁଡ଼ିଓରେ ଗାଳି କରିବା ଆଳରେ ତା'ର ଏକ ମାଗଣା ପ୍ରଚାର କରୁଛନ୍ତି ବୋଲି କହିଲେ ଭୁଲ୍ ହେବନାହିଁ । ସେ ସିନା ପେଟପୋଷା, ନାହିଁ ଦୋଷ ନ୍ୟାୟରେ ଏମିତି କରୁଛି, ତାହେଲେ ମିଡ଼ିଆର ନୈତିକତା କେଉଁଠି ବନ୍ଧା ପଡ଼ିଛି ? କଥା ଆମର, ବିଚାର ଆପଣଙ୍କର...

ଜୟରାମ ରଣସିଂହ

ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA




## ବାବା ଅବ୍‌ଜର୍ଭାନନ୍ଦ

ଲୋକେ କହିଲେଣି ନୂଆ ସରକାର
ପାଲଟିଛି ପ୍ରହସନ,
ନେତା ମନ୍ତ୍ରୀ ବୁଲୁଛନ୍ତି ହେଲେ ନାହିଁ
ବିକାଶର ଦରଶନ ।
କର୍ମୀ ଭାବୁଛନ୍ତି ଏତେ କଷ୍ଟ କରି
ସରକାର ଆଣିଥିଲୁ,
ରଙ୍ଗ ବଦଳିବା ଠିକା ମିଳିବନି
ଏ କଥା କି ଭାବିଥିଲୁ ।
ଚବିଶି ବରଷ ପତାକା ଧରିଲୁ ମାରିଲୁ
ଯେ ପୋଷ୍ଟର,
କାମ କିନ୍ତୁ ସବୁ କରୁଛନ୍ତି ଏବେ
ବିଜେଡିର କଣ୍ଟ୍ରାକ୍ଟର ।
ଅନ୍ୟ ଦଳ ନେତା ଜଣେ ପରେ ଜଣେ
ପଶୁଛନ୍ତି ଆସି ଦଳେ,
କ୍ଷମତା ସବୁକୁ ହଡ଼ପ କରନ୍ତି କଳେ
ବଳେ କଉଶଳେ ।
ଆଉ କେତେ ଦିନ ସହିବୁ ମୋହନ
ଅପଯଶ ଅପବାଦ,
ନୂଆ ସରକାର ଲାଗୁଛି ପୁରୁଣା
ବୋତଲରେ ନୂଆ ମଦ ।

ନବୀନ ବାବୁ ହେ ନବୀନ ବାବୁ
କେମିତି ଦେଇଛ ମନ୍ତ୍ର,
ଯେତେବେଳେ ଦେଖ କିଏ ନା କିଏ
କରୁଛନ୍ତି ଷଡ଼ଯନ୍ତ୍ର ।
ବିଜୟ ନଳିନୀ ସେତେବେଳେ ଯଦି
ପଡ଼ିଥିଲେ ତୁମ ପଛେ,
ତାଙ୍କ ଦାୟାଦଙ୍କୁ କାହିଁକି
ସମ୍ମାନ ଦେଉଥିଲ ତୁମେ ମିଛେ ।
ବାର ବର୍ଷ ତୁମେ ପ୍ୟାରୀଙ୍କ କଥାରେ
ପକାଇଲ କେତେ ବଳି,
ପୁଣି ଅଧା ଦିନ ସନ୍ୟାସୀ ପ୍ରେମରେ ଦଳେ
ଲଗାଇଛ କଳି ।
ବାପାଙ୍କ ତିଆରି ନେତାଙ୍କୁ ବାସିରେ
ପଚାରୁନି ଆଜି ଯିଏ,
ବିଜୁ ବଞ୍ଚିଥିଲେ କହିଥାନ୍ତେ ନିଶ୍ଚେ
ବିଶ୍ୱାସଘାତକ କିଏ ।

# ରାଜ୍ୟସଭା ବଦଳରେ ମାଗିଲେ ଅନାଥାଶ୍ରମ




୧୯୯୦ ମସିହାର କଥା। ବିଜୁବାବୁ ଥାଆନ୍ତି ମୁଖ୍ୟମନ୍ତ୍ରୀ। ବଲାଙ୍ଗୀର ଯାଇଥିବାବେଳେ ଜଣେ ମହିଳାଙ୍କୁ ଡାକି କହିଲେ, ମୁଁ ତୁମକୁ ରାଜ୍ୟସଭା ପଠାଇବାକୁ ଚାହୁଁଛି। ମହିଳା ଜଣଙ୍କ ମନା କରିଦେଲେ। ମୋର ରାଜ୍ୟସଭା ଯିବା ଦରକାର ନାହିଁ। ବରଂ ଗୋଟିଏ ଅନାଥ ଆଶ୍ରମ କରିଦିଅନ୍ତୁ । ବିଜୁବାବୁ ବି ତାଙ୍କ କଥା ରଖିଲେ। ମହିଳାଙ୍କ ଅନୁରୋଧ ରକ୍ଷା କରି ବଲାଙ୍ଗୀର-ପାଟଣାଗଡ଼ ରାସ୍ତାର ପଥରଚେପାଠାରେ ଖର୍ସେଲ ପାହାଡ଼ ତଳେ ୫ ଏକର ପରିମିତ ଜମିରେ ଆଶ୍ରମଟିଏ ନିର୍ମାଣ କରିଦେଇଥିଲେ । ୧୯୯୩ରେ ସେଠାରେ ବାଳକ ବାଳିକାଙ୍କ ପାଇଁ ସ୍ୱତନ୍ତ୍ର ରହିବା ଘର, ରନ୍ଧା ଘର, ଅଫିସ ରୁମ୍ ଆଦି କରାଯାଇଥିଲା। ୧୯୯୫ରେ ବାଳନିକେତନର ଶୁଭ ଉଦଘାଟନ ହୋଇଥିଲା। ହେଲେ ଏହାର ମାତ୍ର ଦୁଇଦିନ ପରେ ମହିଳା ଜଣଙ୍କର ପରଲୋକ ହୋଇଯାଇଥିଲା। ଏହି ମହିୟସୀ ମହିଳା ହେଉଛନ୍ତି ପାର୍ବତୀ ଗିରି। ଯାହାଙ୍କ ନାମରେ ସରକାର ବି ଅନେକ ଯୋଜନା କରିସାରିଛନ୍ତି। ଚଳିତ ବର୍ଷ ଜାନୁଆରୀ ୧୯ରେ ପାର୍ବତୀ ଗିରିଙ୍କ ଜନ୍ମ ଶତବାର୍ଷିକୀ। ଏହି ଅବସରରେ ମନକୀ ବାତ୍‌ରେ ମୋଦି ବି ତାଙ୍କୁ ସ୍ମରଣ କରିଥିଲେ।

୧୯୨୬ ମସିହା ଜାନୁଆରୀ ୧୯ରେ ବଡ଼ମାଁ ପାର୍ବତୀ ଗିରି ବିଜେପୁରର ସମଲେଇପଦର ଗାଁରେ ଜନ୍ମଗ୍ରହଣ କରିଥିଲେ। ୧୯୩୮ରେ ସେ ମାତ୍ର ୧୨ ବର୍ଷ ବୟସରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ । ୧୯୪୨ ଅସହଯୋଗ ଆନ୍ଦୋଳନ ସମୟରେ ବରଗଡ଼ର ଏସଡ଼ିଓ ଅଫିସ୍ ଦଖଲ କରି ଏସଡ଼ିଓଙ୍କୁ ଚଉକିରୁ ତଡ଼ି ଦେଇଥିଲେ। ବ୍ରିଟିଶ ପୋଲିସ ତାଙ୍କୁ ଗିରଫ କରି ଦୁଇବର୍ଷ ଜେଲ୍‌ରେ ବି ରଖିଥିଲେ। ସ୍ୱାଧୀନତା ପରେବି ସେ ଆଖି ବୁଜିବା ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ପାଇଁ ସମର୍ପିତ ଭାବେ ସେବା କରିଆସୁଥିଲେ ।

ବା.ଦ୍ର: 'ଗର୍ବିତ ଓଡ଼ିଆ' ସଂକ୍ରାନ୍ତୀୟ ସମସ୍ତ ଆପତ୍ତି ଅଭିଯୋଗର ଶୁଣାଣୀ ଭୁବନେଶ୍ୱର କୋର୍ଟରେ ବିଚାର କରାଯିବ।

**ଅସନ୍ତୁଷ୍ଟ ହାରୁ ନେତାଙ୍କ ମେଳି । ଯୁବ, ଛାତ୍ର ଓ ମହିଳା ମୋର୍ଚ୍ଚା ଭଳି ଛାମୁଆ ସଂଗଠନରେ ଯାଗା ପାଇନଥିବାରୁ ଅସନ୍ତୋଷର ଛାୟା । ରାଜନୈତିକ ବ୍ୟାପାର କମିଟିରେ ଚଉକି ନଥିବାରୁ ବରିଷ୍ଠ ନେତାଙ୍କ ମନରେ କ୍ଷୋଭ । ପାଣ୍ଡିଆନଙ୍କ ମାମଲତିକୁ ନେଇ ଡଜନେ ସରିକି ପ୍ରଭାବଶାଳୀ ନେତାଙ୍କ ରୋଷ । ଡାଇବେଟିସ୍ ହେଲେ ଯେମିତି ଅନେକ ରୋଗ ମାଡ଼ିବସେ, ଠିକ୍ ସେମିତି କ୍ଷମତାର ମହୁ ସରିଗଲେ ଏମିତି ଅନେକ ବିପଦ ବି ବିଜେଡ଼ିକୁ ମାଡ଼ିବସିଛି । ଏଭଳି ଏକ ସମୟରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଏକ ନିଷ୍ପତ୍ତି ରାଜ୍ୟ ରାଜନୀତିକୁ ଯେତିକି ଚକିତ କରିଦେଇଛି, ବିଜେଡ଼ିରେ ବି ସେତିକି କମ୍ପନ ସୃଷ୍ଟି କରିଛି ।**

# ନିଲମ୍ବନ କମ୍ପନ



ଜାନୁଆରୀ ୧୫ । ହଠାତ୍ ସଞ୍ଜରେ ଖବର ବାଜିଲା, ବିଜେଡ଼ିର ଦୁଇ ବିଧାୟକ ସନାତନ ମହାକୁଡ଼ ଓ ଅରବିନ୍ଦ ମହାପାତ୍ରଙ୍କୁ ନବୀନ ବାବୁ ନିଲମ୍ବନ କରିଦେଇଛନ୍ତି । ରାଜନୀତିକୁ ପାଖରୁ ହେଉକି ଦୂରରୁ ଦେଖୁଥିବା ଲୋକେ ପ୍ରଥମେ ବିଶ୍ୱାସ ବି କରିପାରିଲେନି । ବିଜେଡ଼ିର ଯେଉଁ ନେତାଙ୍କୁ ଫୋନ୍ କଲେ ସମସ୍ତେ ତାଜୁବ୍ ବୋଲି କହିଲେ । ବିଜେପି କି କଂଗ୍ରେସ ବି ବୁଝିପାରିଲାନି । ନବୀନ ହଠାତ୍ ଏମିତି ନିଷ୍ପତ୍ତି କାହିଁକି ନେଲେ?

ସନାତନ ମହାକୁଡ଼ଙ୍କ ନିଲମ୍ବନକୁ ନେଇ କେହି ଚକିତ ହେଲେନାହିଁ । କାହିଁକିନା ବିଜେପି ସରକାର ଆସିବା ପରଠାରୁ ସନାତନଙ୍କ ଆଭିମୁଖ୍ୟ ପୂରା ବଦଳିଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେ ପ୍ରଶଂସାରେ ପୋତିଦେବା ସହ ବିଜେଡ଼ିକୁ ସମାଲୋଚନା କରିବାକୁ ବି ପଛାଇନାହାନ୍ତି । ବିଜେଡ଼ିର ବିଧାୟକ ଦଳ ବୈଠକରେ ସାମିଲ ହେଉନଥିବାରୁ ନବୀନଙ୍କ ଠାରୁ କଡ଼ା କଥା ବି ଶୁଣିଛନ୍ତି । ଗାଏମୋଟ୍ କହିଲେ ସନାଙ୍କ ଆଚରଣ ଓ ଉଚ୍ଚାରଣ ଅନେକ କିଛି ବାର୍ତ୍ତା ଦେଉଥିବାରୁ ତାଙ୍କୁ ନିଲମ୍ବନ କରାଯାଇପାରେ ବୋଲି ବହୁ ପୂର୍ବରୁ ଚର୍ଚ୍ଚା ହୋଇ ଆସୁଥିଲା ।

ତେବେ ଅସଲ କଥା ହେଉଛି, ଅରବିନ୍ଦ ମହାପାତ୍ରଙ୍କୁ ନବୀନ କାହିଁକି ନିଲମ୍ବନ କଲେ ? ତାଙ୍କ ନାମରେ ସେମିତି କିଛି ଅଭିଯୋଗ ନଥିଲା । ଗଣମାଧ୍ୟମରେ ବି ଅରବିନ୍ଦଙ୍କୁ ନେଇ ନକରାତ୍ମକ ଖବର ପ୍ରକାଶ ପାଇନଥିଲା । ବରଂ ବିଧାନସଭାରେ ତାଙ୍କର ପ୍ରଦର୍ଶନ ଓ ବିଜେପି ସରକାରଙ୍କୁ କଡ଼ା ସମାଲୋଚନାକୁ ନେଇ ଚର୍ଚ୍ଚା ହେଉଥିଲା । ବିଧାନସଭାରେ ବି ଦଳ ତାଙ୍କୁ ସବୁବେଳେ ସୁଯୋଗ ଦେଉଥିବା ଘଟଣାରୁ ପ୍ରମାଣିତ ହେଉଥିଲାଯେ, ସେ ଦଳର ଗୁଡ଼ବୁକରେ ଅଛନ୍ତି ।



ଗର୍ବିତ ଓଡ଼ିଆ
GARVIT ODIA

## ସନାଙ୍କୁ ଧମକ ଦେଇ ଦଳକୁ ନେଇଥିଲା ବିଜେଡ଼ି

ସନାତନ ମହାକୁଡ଼ କେନ୍ଦୁଝର ରାଜନୀତିର ଚର୍ଚ୍ଚିତ ଚେହେରା । ସେ କେବେ ବିଜେଡ଼ିର ନେତା ନଥିଲେ କି ବିଜେଡ଼ିକୁ ଆସିବା ପାଇଁ ଚାହୁଁନଥିଲେ । ୨୦୦୯ରେ ସ୍ୱାଧୀନ ଭାବେ ଲଢ଼ି ଅଳ୍ପ ଭୋଟ୍‌ରେ ହାରି ଯାଇଥିଲେ । ୨୦୧୪ରେ ସେ ସ୍ୱାଧୀନ ଭାବେ ବାଜିମାତ୍ କରି ବିଧାନସଭାକୁ ଆସିଥିଲେ । କେନ୍ଦୁଝର ଓ ଯାଜପୁରର ଖଣି ବେଲ୍ଟରେ ସନାଙ୍କର ସମର୍ଥକ ରହିଛନ୍ତି । ସନାଙ୍କ ବେପାରରେ ଅନେକ ଯୁବକ ସାମିଲ୍ ଥିଲେ । ତାଙ୍କ ଟ୍ରଷ୍ଟ ଜରିଆରେ ସେ ଚମ୍ପୁଆରୁ ନେଇ ଅନେକ ଅଞ୍ଚଳରେ ଲୋକଙ୍କୁ ବହୁକିଛି ଦାନ ଦେବାର ବି ନଜିର ରହିଛି । ଖଣି ମାଫିଆ,



ଡନ୍ ଭାବେ ସେ କୁଖ୍ୟାତି ଅର୍ଜିଥିଲେବି ଅନେକ ତାଙ୍କ ଠାରୁ ବହୁ ଫାଇଦା ପାଉଥିବାରୁ ସେ କେନ୍ଦୁଝର ଅଞ୍ଚଳରେ ବେଶ୍ ଲୋକପ୍ରିୟ ଥିଲେ । ୨୦୧୪ରେ ସନା ସମର୍ଥିତ ପ୍ରାର୍ଥୀମାନେ ବି ନିର୍ବାଚନ ଲଢ଼ି ବେଶ୍ କିଛି ଭୋଟ୍ ସାଉଁଟି ପାରିଥିଲେ। ସେହି ସମୟରେ କେନ୍ଦୁଝର ଲୋକସଭା ପ୍ରାର୍ଥୀ ବାସୁଦେବ ନାୟକ, ପାଟଣାରୁ ଗୌରହରି ନାୟକ, କେନ୍ଦୁଝରରୁ ଦ୍ୱାରିକାନାଥ ନାଏକ, ଘସିପୁରାରୁ ରାମଚନ୍ଦ୍ର ବେହେରା, ତେଲକୋଇରୁ ବୃନ୍ଦାବନ ନାଏକ, ଆନନ୍ଦପୁରରୁ ରବୀନ କୁମାର ଜେନା ଓ କରଞ୍ଜିଆରୁ ପଦ୍ମ ଚରଣ ହାଇବ୍ରୁ ସନା ସମର୍ଥିତ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ୨୦୧୮ ବେଳକୁ ସନା ଜନସମୃଦ୍ଧ ପାର୍ଟି ନାମରେ ଏକ ଦଳ ଗଠନ କରିଥିଲେ। କେନ୍ଦୁଝର, ଯାଜପୁର ଓ ମୟୂରଭଞ୍ଜର କେତେକ ନିର୍ବାଚନମଣ୍ଡଳୀରେ ସନା ପ୍ରାର୍ଥୀ ଦେବାକୁ ଯୋଜନା କରିଥିଲେ। ଯାହାଦ୍ୱାରା ବିଜେଡ଼ି କ୍ଷତିଗ୍ରସ୍ତ ହୋଇଥା'ନ୍ତା। ତେଣୁ ୨୦୧୯ ବେଳକୁ ସନାଙ୍କୁ ବିଜେଡ଼ି ନେବାକୁ ଉଦ୍ୟମ କରି ସଫଳ ହୋଇଥିଲା। ୨୦୧୯ରେ ସନା ପ୍ରାର୍ଥୀ ହୋଇନଥିଲେବି ତାଙ୍କର ଅନୁଗତ ଚନ୍ଦ୍ରାଣି ମୁର୍ମୁଙ୍କୁ କେନ୍ଦୁଝର ଲୋକସଭା ଓ ମୀନାକ୍ଷୀ ମହନ୍ତଙ୍କୁ ଚମ୍ପୁଆ ବିଧାନସଭା ଟିକେଟ୍ ମିଳିଥିଲା। ଉଭୟ ନିର୍ବାଚନରେ ଜିତିଥିଲେ। ତେବେ ମୀନାକ୍ଷୀ ଆଉ ସନାଙ୍କ କଥା ନଶୁଣିବାରୁ ୨୦୨୪ରେ ସନା ଦଳ ଉପରେ ଚାପ ପକାଇ ଟିକେଟ ନେଇ ବାଜିମାତ୍ କରିଛନ୍ତି। ଗାଏମୋଟ୍ ଦେଖିଲେ ବିଜେଡ଼ିର ସୁରକ୍ଷା ପାଇଁ ସନାଙ୍କୁ ନବୀନ ବାବୁ ଡାକିକି ଦଳରେ ସାମିଲ୍ କରିଥିଲେ। ସେଥିପାଇଁ ସନାଙ୍କୁ ବିଜେଡ଼ି ଧମକ ବି ଦେଇଥିଲା। ତାଙ୍କ ଆକାଉଣ୍ଟ ଅଚଳ କରି ଦିଆଗଲା। ବ୍ୟବସାୟିକ ସାମ୍ରାଜ୍ୟ ଉପରେ ବି ନବୀନ ବାବୁ ମାଡ଼ କରିଥିଲେ। କେବଳ ଚଢ଼ାଉ ଡରରେ ସନା ବିଜେଡ଼ିକୁ ଯିବା ପାଇଁ ବାଧ୍ୟ ହୋଇଥିଲେ ।

# ବିଜେଡ଼ିର ନିଲମ୍ବନ ଗପ

ସନା ଓ ଅରବିନ୍ଦଙ୍କୁ ନିଲମ୍ବନ କରିବା ପରେ ଦଳର ଦୁଇ ନେତା ଅତନୁ ସବ୍ୟସାଚୀ ନାୟକ ଓ ଦିବ୍ୟଶଙ୍କର ମିଶ୍ର କହିଲେଯେ, ଦଳରେ ଦୁର୍ନୀତିଗ୍ରସ୍ତ ଓ ବିଶ୍ୱାସଘାତକତାର ସ୍ଥାନ ନାହିଁ । ତେବେ ବିଜେଡ଼ି ସରକାରରେ ନଥିବାବେଳେ ସନା ଓ ଅରବିନ୍ଦ କି ଦୁର୍ନୀତି କରିଥିଲେ ? ଯଦି ସନାଙ୍କ ପରିବହନ ବେପାର କଥା କୁହାଯାଏ, ତେବେ ତାହା କ'ଣ ଆଜିର ଥିଲା କି ? ସନାଙ୍କ ଉପରେ ବାରବାର ଚଢ଼ାଉ କରିଥିବା ନବୀନ ସରକାର ତାଙ୍କୁ ବିଜେଡ଼ିକୁ ନେଇଥିଲେ କାହିଁକି ? ଆଉ ରହିଲା ବିଶ୍ୱାସଘାତକତା କଥା ? କି ପ୍ରକାର ବିଶ୍ୱାସଘାତକତା, ତାହା ବିଜେଡ଼ି ନେତାମାନେ ବି ଜାଣିପାରୁନାହାନ୍ତି।

ଅରବିନ୍ଦଙ୍କ ନିଲମ୍ବନକୁ ନେଇ ବିଜେଡ଼ି ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାପରେ ଦଳର ମୁଖପାତ୍ର ଲେନିନ ମହାନ୍ତି କହିଲେ ଯେ, ଦୀର୍ଘଦିନ ଧରି ମିଡ଼ଢ଼େ ଅପରେସନ୍ ଚାଲିଥିଲା। ଏନେଇ ନବୀନ ବାବୁଙ୍କ ପାଖରେ ବହୁ ତଥ୍ୟ ପ୍ରମାଣ ରହିଥିଲା । ଦଳକୁ ଭାଙ୍ଗିବା ପାଇଁ ସେମାନେ କୁଆଡ଼େ ଯୋଜନା କରିଥିଲେ। ଏଠି ପ୍ରଶ୍ନ ଉଠୁଛି, ଦଳ ସବୁବେଳେ କହିଆସୁଛି ବିଜେଡ଼ି ଏକ ଅଛି। ଭାଙ୍ଗିବାର ପ୍ରଶ୍ନ ଉଠୁନାହିଁ । ସେହିପରି ବିଜୟ ମହାପାତ୍ର ୨୪ ବର୍ଷ ହେଲା ବିଜେଡ଼ି ସହ ନାହାନ୍ତି । ଦଳର ପଦ ହେଉକି ଟିକେଟ୍ ସବୁ ନବୀନ ବାବୁ ଦେଇ ଆସୁଛନ୍ତି । ହଁ, ୨୦୦୦ରେ ସ୍ଥିତି ଅଲଗା ଥିଲା। ସେତେବେଳେ ହୁଏତ ବିଜୟ ଏହା କରିବାକୁ ଚାହୁଁଛନ୍ତି ବୋଲି ବାର୍ତ୍ତାକୁ ଲୋକେ ବିଶ୍ୱାସ କରୁଥିଲେ । ଆଜି ଯଦି କେବଳ ବିଜୟ ଚାହିଁଲେ ବିଜେଡ଼ି ଭାଙ୍ଗିଦେବେ ବୋଲି ନବୀନ ବାବୁ ଭାବୁଛନ୍ତି ତାହେଲେ ଜୟ ନାରାୟଣ ମିଶ୍ରଙ୍କ ହୁଇସିଲ୍ କାହାଣୀଟି ସତ । ସେ ବାରବାର କହି ଆସୁଛନ୍ତି ହୁଇସିଲ୍ ମାରିଲେ ବିଜେଡ଼ି ଭାଙ୍ଗିଯିବ। ଆପଣ ଥରେ ଭାବନ୍ତୁ, ବିଜେଡ଼ି ମଜବୁତ୍ ବୋଲି ଗୋଟିଏ ପଟେ ବିଜେଡ଼ି ନେତାଏ କହି ଆସୁଥିବାବେଳେ ଯଦି ବିଜୟ ଦଳକୁ ଭାଙ୍ଗିପାରିବେ ତେବେ ଶାହ ଅପରେସନ୍ ଲୋଟସ୍ ଆରମ୍ଭ କଲେ ସ୍ଥିତି କ'ଣ ହେବ ?

ଅରବିନ୍ଦଙ୍କୁ ନେଇ ବିଜେଡ଼ି ଉଠାଉଥିବା ପ୍ରଶ୍ନକୁ ବିଜେଡ଼ିର ଅନେକ ନେତା ବି ଗ୍ରହଣ କରିପାରୁନାହାନ୍ତି। ସେମାନେ ଗଣମାଧ୍ୟମରେ ସିନା ପ୍ରକାଶ କରୁନାହାନ୍ତି ହେଲେ ବ୍ୟକ୍ତିଗତ ଭାବେ




## ବଦ୍ରିଙ୍କ ବେଳକୁ ହାତ ଥରିଲା କି ?

# ବିଜେଡ଼ି ଜିତିଥିଲେ ବଞ୍ଚିନଥା'ନ୍ତି

ସନା ମହାକୁଡ଼ ବିଜେଡ଼ିରୁ ନିଲମ୍ବିତ ହେବା ପରେ ଏବେ କେନ୍ଦୁଝରରେ ବଦ୍ରି ନାରାୟଣ ପାତ୍ରଙ୍କୁ ନେଇ ଚର୍ଚ୍ଚା ଜୋରଧରିଛି। ଦଳୀୟ ସଭାରେ ବଦ୍ରି କହିଥିଲେଯେ, ବବି ଦାସ ଓ ଭିକେ ପାଣ୍ଡିଆନ୍ ନିଜକୁ ମୁଖ୍ୟମନ୍ତ୍ରୀଙ୍କ ଉପରେ ବୋଲି ଭାବୁଥିଲେ। ରାଜ୍ୟ ସାରା ହେଲିକପ୍ଟର ଧରି ବୁଲିଲେ। ନବୀନଙ୍କ ଭଳି ହାତ ହଲେଇଥିଲେ। ଲୋକେ ତାଙ୍କୁ ଗ୍ରହଣ କଲେ ନାହିଁ। ଏଥିପାଇଁ ବିଜେଡ଼ି ହାରିଲା। ଘସିପୁରାରେ କର୍ମୀମାନେ ତାଙ୍କ ସହ ଅଛନ୍ତି । କର୍ମୀମାନେ ଆଉ ଦଳ ସହ ନାହାନ୍ତି। ସୁଜାତା ଦଳରେ ମାଲିକ ହେବାକୁ ଚେଷ୍ଟାକଲେ ବିରୋଧ କରିବେ। ବିଜେଡ଼ି ଯଦି ସରକାର କରିଥା'ନ୍ତା ତେବେ ବଦ୍ରି ପାତ୍ର ବଞ୍ଚି ପାରିନଥା'ନ୍ତେ। ବିଜେଡ଼ି ହାରିଥିବାରୁ ସେ ଖୁସି ଅଛନ୍ତି ବୋଲି ବଦ୍ରି କହିଥିଲେ। ଗାଏମୋଟ୍ ଦେଖିଲେ ବଦ୍ରିଙ୍କ ଏହି କଥାର ପ୍ରତିଟି ଶବ୍ଦ ଦଳବିରୋଧୀ । କିନ୍ତୁ ନବୀନ ନୀରବ କାହିଁକି ବୋଲି ପ୍ରଶ୍ନ ଉଠିବା ସ୍ୱାଭାବିକ।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA



# ବୈଜୟନ୍ତଙ୍କ ଡରରେ ଅରବିନ୍ଦଙ୍କୁ ଡାକିଥିଲା ବିଜେଡ଼ି

ଖାଲି କେନ୍ଦ୍ରାପଡ଼ା ନୁହେଁ ରାଜ୍ୟ ରାଜନୀତିରେ ବିଜୟ ମହାପାତ୍ରଙ୍କର ଏକ ଦବଦବା ରହିଛି। କେନ୍ଦ୍ରାପଡ଼ାର ପାଟକୁରା ଓ ମହାକାଳପଡ଼ାରେ ବି ତାଙ୍କର ଭୋଟ୍ ରହିଛି। ବୈଜୟନ୍ତ ପଣ୍ଡାଙ୍କ ସହ ନବୀନଙ୍କ କଳି ପରେ ତାଙ୍କୁ ଖତ କରିଦେବାକୁ ଦଳ ଯୋଜନା କରିଥିଲା। ୨୦୨୪ରେ ଦଳ ଭାବିଥିଲା ବିଜୟ ମହାପାତ୍ରଙ୍କୁ ସାଙ୍ଗରେ ନେଲେ ବୈଜୟନ୍ତଙ୍କୁ ହରାଇ ହେବ। ବିଜୟଙ୍କୁ ନେବା ପାଇଁ ନବୀନ ଚାହୁଁନଥିବାରୁ ତାଙ୍କ ପୁଅକୁ ବିଧାୟକ ପଦର ଲୋଭ ଦେଖାଇଥିଲା ବିଜେଡ଼ି। ସେପଟେ ପୁଅକୁ ରାଜନୀତିକ ଉତ୍ତରାଧିକାରୀ କରିବାକୁ ବିଜୟ ଦୀର୍ଘଦିନ ଧରି ଉଦ୍ୟମ କରି ଆସୁଥିଲେ। ପାଟକୁରାରେ ବିଜୟଙ୍କ ସଂଗଠନ କଥା ବୁଝି ଆସୁଥିଲେ ଅରବିନ୍ଦ। ନିଜେ ଆଉ ବିଧାନସଭା ଯାଇପାରିନଥିବାରୁ, ବିଜୟ ପୁଅର ଭବିଷ୍ୟତ ପାଇଁ ଅନିଚ୍ଛା ସତ୍ତ୍ୱେ ବିଜେଡ଼ିର ପ୍ରସ୍ତାବକୁ ଗ୍ରହଣ କରିଥିଲେ। ଅରବିନ୍ଦ ବି ନିର୍ବାଚନ ଜିଣି ପ୍ରଥମ ଥର ପାଇଁ ବିଧାନସଭାକୁ ଯାଇଛନ୍ତି। ବିଜୟ ଜଣେ ଚତୁର ରାଜନେତା ହୋଇଥିବାରୁ ତାଙ୍କ ହିସାବରେ ସେ ଅଙ୍କ କଷି ଚାଲିଥିଲେ । ବିଜୟ ବିଜେଡ଼ିରେ ନଥିବାରୁ ତାଙ୍କର ସେ ସ୍ୱାଧୀନତା ରହିଛି । ତେବେ ଅରବିନ୍ଦଙ୍କର ସେଥିରେ ସେମିତି ଦେଣନେଣ ନଥିଲା। କିଛି ବିଜେଡ଼ି ନେତାଙ୍କ କହିବା କଥା ହେଉଛି, ପାଟକୁରା ଓ ମହାକାଳପଡ଼ାରେ ବିଜୟ ବାବୁ ବୈଜୟନ୍ତଙ୍କ ପାଇଁ ଭୋଟ୍ କରିଥିଲେ । ସେଥିପାଇଁ ଦୁଇ ନିର୍ବାଚନମଣ୍ଡଳୀରେ ସେ ଜିଣିଥିଲେ। ଯଦି କେନ୍ଦ୍ରାପଡ଼ା ଲୋକସଭାର ଫଳାଫଳକୁ ଦେଖିବା ତେବେ ସାଲେପୁର, ମାହାଙ୍ଗା, କେନ୍ଦ୍ରାପଡ଼ା, ପାଟକୁରା, ମହାକାଳପଡ଼ା ଓ ଆଳିରେ ବୈଜୟନ୍ତ ଅଧିକ ଭୋଟ୍ ପାଇଛନ୍ତି। ମହାକାଳପଡ଼ାରେ ବିଜେପି ପ୍ରାର୍ଥୀ ଓ ମାହାଙ୍ଗାରେ ସ୍ୱାଧୀନ ପ୍ରାର୍ଥୀ ଜିଣିଥିବାବେଳେ ବାକି ସବୁଠି ବିଜେଡ଼ି ହିଁ ଜିତିଛି। ତାହେଲେ ପ୍ରତାପ ଦେବ, ପ୍ରଶାନ୍ତ ବେହେରା, ଗଣେଶ୍ୱର ବେହେରା କ'ଣ ବୈଜୟନ୍ତଙ୍କ ପାଇଁ ଭୋଟ୍ କରିଥିଲେ କି ? ସେହିପରି ରାଜନଗରରେ ପୂର୍ବରୁ ବିଧାୟକ ଥିଲେ ଅଂଶୁମାନ ମହାନ୍ତି । ତାଙ୍କର ସେଠାରେ ପକେଟ୍ ଭୋଟ ବି ରହିଥିଲା । ତଥାପିବି ତାଙ୍କ ଠାରୁ ଧ୍ରୁବ ଅଧିକ ଭୋଟ୍ ପାଇଥିଲେ। ବିଜେଡ଼ି ପକ୍ଷରୁ ବିଜୟ ବା ଅରବିନ୍ଦଙ୍କୁ ଭଲ ପାଇ ଦଳ ଲୋଡ଼ିନଥିଲା ବରଂ ବୈଜୟନ୍ତଙ୍କୁ ହରାଇବା ପାଇଁ ନବୀନ ହିଁ ଏମିତି ରଣନୀତି କରିଥିଲେ।

## ବିଜେଡ଼ିର ଲାଭ ନା କ୍ଷତି


ସନା ଓ ଅରବିନ୍ଦଙ୍କ ନିଲମ୍ବନରେ ବିଜେଡ଼ିର କ୍ଷତି ନା ଲାଭ ? ଦୁଇ ବିଧାୟକ ନିଲମ୍ବିତ ହେଲେ ବି ସେମାନଙ୍କ ପଦ ଯିବ ନାହିଁ। ଅର୍ଥାତ୍ ସେମାନେ ୨୦୨୯ ପର୍ଯ୍ୟନ୍ତ ବିଧାୟକ ହୋଇପାରିବେ। ଏଥିରେ ସନା କି ଅରବିନ୍ଦଙ୍କର କିଛି କ୍ଷତି ହେବାର ନାହିଁ। ବରଂ ବିଜେଡ଼ିର ହିଁ କ୍ଷତି ହେବ। ରାଜ୍ୟସଭା ନିର୍ବାଚନ ପୂର୍ବରୁ ଆଉ ଦୁଇ ବିଧାୟକ ଦଳ ସହ ରହିବେ ନାହିଁ। ଯଦି ଏହି ଦୁଇ ବିଧାୟକ ରାଜ୍ୟସଭା ନିର୍ବାଚନରେ ଦଳକୁ ଭୋଟ୍ ଦେବେ ନାହିଁ ବୋଲି ବିଜେଡ଼ି ଭାବୁଥିଲା ବା ଦଳ ସହ ନାହାନ୍ତି ବୋଲି ମନେ କରୁଥିଲା ତେବେ ଦୁଇ ମାସ ଅପେକ୍ଷା କରିଥିଲେ କ'ଣ ବେଦ ଅଶୁଦ୍ଧ ହୋଇଯାଇଥା'ନ୍ତା କି ? ସେତେବେଳେ ଦୁଇ ନେତା ଯଦି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେଇନଥା'ନ୍ତେ ତାହେଲେ ନିଲମ୍ବନ କରିଥିଲେ ଦୁଇ ବିଧାୟକ ବଦନାମ୍ ହୋଇଥା'ନ୍ତେ। ଏବେ ଅରବିନ୍ଦଙ୍କ ନିଲମ୍ବନ ଭୁଲ ବାର୍ତ୍ତା ଦେଇସାରିଛି।

ପଚାରିଲେ ଏହି କଥା କହୁଛନ୍ତି। ପାଟକୁରାରେ ବି ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଯେଉଁଥିପାଇଁ ବିଜେଡ଼ି ଶଙ୍ଖଭବନରେ ଆଉ ଏକ କାହାଣୀ ଶୁଣାଇଲା। କାହାଣୀଟି ହେଉଛି, ପାଟକୁରାରେ କୁଆଡ଼େ ବିଜୟ ପୁରୁଣା କର୍ମୀଙ୍କୁ ଅଣଦେଖା କରି ନିଜର ସମର୍ଥକମାନଙ୍କୁ ନେଇ ରାଜନୀତି କରୁଛନ୍ତି। ଯଦି ତାହା ଏକ କାରଣ ହୁଏ ତେବେ କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ କିଶୋର ତରାଇବି ସମାନ ଅଭିଯୋଗ ଗଣେଶ୍ୱର ବେହେରାଙ୍କ ପ୍ରତି କରୁଛନ୍ତି। କିନ୍ତୁ ଦଳ ତାହାକୁ ଗୁରୁତର ସହ ନେଉଛି କି ? ଅନ୍ୟ ଦଳରୁ ଆମଦାନୀ ନେତାମାନେ ନିଜ କର୍ମୀଙ୍କ ଉପରେ ହିଁ ଅଧିକ ଭରସା କରିବା ସ୍ୱାଭାବିକ। ବିଜେଡ଼ି ହେଉକି ବିଜେପି ଅବା କଂଗ୍ରେସ ସବୁଠି ଏହା ଦେଖିବାକୁ ମିଳେ। ଯଦି ଅରବିନ୍ଦ ଭୁଲ୍ କରୁଥିବେ ତେବେ ସେ ପଞ୍ଚାୟତ ନିର୍ବାଚନରେ ହିଁ ନାମ ନେଇଥାଆନ୍ତେ । ଦଳ ଏତେ ତରବର ହେବାପଛରେ କାରଣ କ'ଣ ବୁଝା ପଡୁନାହିଁ।

## ବାପାଙ୍କ ପରେ ପୁଅ

୨୦୦୦ରେ ବିଜୟ ମହାପାତ୍ରଙ୍କର ପ୍ରଥମେ ଟିକେଟ୍ କାଟିଦେଲେ ନବୀନ। ତା'ପରେ ଦଳରୁ ବହିଷ୍କାର କରିଦେଲେ । ସେତେବେଳେ ବିଜୟ ସଂକଳ୍ପ ନେଇଥିଲେ ନବୀନଙ୍କୁ ମୁଁ ଓଡ଼ିଶା ରାଜନୀତିରୁ ବିଦା କରିଦେବି । ବିଜୟ ଏଥିପାଇଁ ବହୁ ଉଦ୍ୟମ କରିଥିଲେବି ସଫଳ ହୋଇନଥିଲେ । ନିଜର ଘନିଷ୍ଠ ସହଯୋଗୀମାନେ ହିଁ ତାଙ୍କୁ ଧୋକ୍କା ଦେଇଥିଲେ । ନିଜ ଗଡ଼ ପାଟକୁରାରେ ସେ ବାରବାର ପରାଜୟର ସାମ୍ନା କରି ବିବ୍ରତ ହୋଇପଡ଼ିଥିଲେ । ଓଜିପି, ଏନସିପି, ବିଜେପି ସବୁଠି ଭାଗ୍ୟଦେବୀ ସାଥ୍ ଦେଇନଥିଲେ । ବେଳେବେଳେ ଅଧିକ ଦକ୍ଷତା ଓ ଉଚ୍ଚ ଆକାଂକ୍ଷା ବି ଅଗ୍ରଗତିରେ ବାଧକ ସୃଷ୍ଟିକରେ । ଯାହାକି ବିଜୟଙ୍କ କ୍ଷେତ୍ରରେ ବାରମ୍ବାର ପରିଲକ୍ଷିତ ହୋଇଛି । ଏବେ ପୁଅ ଅରବିନ୍ଦ ମହାପାତ୍ର ବି ବାପାଙ୍କ ପାଇଁ ହିଁ ବିଜେଡ଼ିରୁ ବିଦା ହୋଇଛନ୍ତି । ବିଜୟ କ'ଣ ଗୋଟିଚାଳନା ଏବେବି ଅସ୍ପଷ୍ଟ ଥିବାବେଳେ ଏବେବି ତାଙ୍କୁ ନବୀନ ଡରନ୍ତି ବୋଲି ବାର୍ତ୍ତାଯାଇଛି ।

ଗର୍ବିତ ଓଡ଼ିଆ



# ଚର୍ଚ୍ଚିତ ରାଜ୍ୟସଭା ନିର୍ବାଚନ

## ନବୀନଙ୍କୁ ଝଟ୍‌କା

## ହାରିଗଲେ ଏୟୁ ସିଂହଦେଓ

୧୯୯୮, ଜୁନ୍ ୧୮ । ନବୀନଙ୍କ ପାଇଁ ଥିଲା ଅଶୁଭ ଦିନ। ସେତେବେଳେ କଂଗ୍ରେସ ଶାସନରେ ଥିଲା। ନୂଆ କରି ଗଢ଼ା ହୋଇଥିବା ବିଜେଡ଼ି ଥିଲା ବିରୋଧୀ ଦଳରେ। ନବୀନ ବାବୁ ବି କେନ୍ଦ୍ରରେ ମନ୍ତ୍ରୀ ଥିଲେ। ସେହି ସମୟରେ ନବୀନଙ୍କ ଡୁନ ସ୍କୁଲ ବନ୍ଧୁ ଅନଙ୍ଗ ଉଦୟ ସିଂହଦେଓ ରାଜ୍ୟସଭା ନିର୍ବାଚନରେ ପ୍ରାର୍ଥୀ ହୋଇଥିଲେ। ରାଜ୍ୟରେ ବିଜେଡ଼ି ଓ ବିଜେପି ମେଣ୍ଟ ଥିବାବେଳେ ବିଜେଡ଼ି ପାଖରେ ୨୭ ଓ ବିଜେପି ପାଖରେ ୧୦ ବିଧାୟକ ରହିଥିଲେ। ଅର୍ଥାତ୍ ଏୟୁଙ୍କ ବିଜୟ ସୁନିଶ୍ଚିତ ଥିଲା । କିନ୍ତୁ କ୍ରସ୍ ଭୋଟିଂ ହେବାରୁ ଏୟୁ ହାରିଯାଇଥିଲେ। ସେତେବେଳେ ବାଜିମାତ୍ କରିଥିଲେ କଂଗ୍ରେସ ଟିକେଟରୁ ଲଢ଼ିଥିବା



ବିଶିଷ୍ଟ ଐତିହାସିକ ଡକ୍ଟର ମନ୍ମଥ ନାଥ ଦାସ। ସେହି ସମୟରେ କଂଗ୍ରେସର ଦୁଇ ପ୍ରାର୍ଥୀ ରଙ୍ଗନାଥ ମିଶ୍ର ଓ ରାମଚନ୍ଦ୍ର ଖୁଣ୍ଟିଆଙ୍କୁ ୪୦ ଲେଖାଏଁ ପ୍ରଥମ ପସନ୍ଦର ଭୋଟ୍ ମିଳିବାରୁ ମନ୍ମଥଙ୍କ ପାଇଁ ଥିଲା ମାତ୍ର ୩ଟି ପ୍ରଥମ ପସନ୍ଦର ଭୋଟ୍। ହେଲେ ତାଙ୍କୁ ମିଳିଥିଲା ୨୭ଟି ପ୍ରଥମ ପସନ୍ଦର ଭୋଟ୍। ଯାହାକି ବିଜେଡ଼ି, ବିଜେପି ଓ ସ୍ୱାଧୀନ ବିଧାୟକଙ୍କ ସହଯୋଗରେ ହିଁ ସମ୍ଭବପର ହୋଇଥିଲା। ଏହାପରେ ଦିଲ୍ଲୀପ ରାୟ, ବିଜୟ ମହାପାତ୍ରଙ୍କ ସହ ନବୀନଙ୍କର ଶୀତଳଯୁଦ୍ଧ ଆରମ୍ଭ ହୋଇଥିଲା ।

### ୫ ବିଧାୟକଙ୍କୁ ନିଲମ୍ବିନ କରିଥିଲେ ନବୀନ

ବନ୍ଧୁ ହାରିଯିବା ଓ ବିଜେଡ଼ି ବିଧାୟକମାନେ କ୍ରସ ଭୋଟିଂ କରିଥିବାରୁ ନବୀନ ରାଗରେ ୫ ବିଧାୟକଙ୍କୁ ନିଲମ୍ବିନ କରିଥିଲେ। ସେମାନେ ହେଲେ, ସୂର୍ଯ୍ୟ ନାରାୟଣ ପାତ୍ର, ବିଷ୍ଣୁଚରଣ ଦାସ, କଳ୍ପତରୁ ଦାସ, ବିଜୟଶ୍ରୀ ରାଉତରାୟ ଓ ପ୍ରଭାତ ତ୍ରିପାଠୀ।

### ଅବଢ଼ା ଛୁଇଁ ନିୟମ କରିଥିଲେ ବିଧାୟକ

ସେହି ନିର୍ବାଚନର ସବୁଠାରୁ ମଜାର କଥା ହେଉଛି, ବିଜେପିର ୧୦ ବିଧାୟକ ଏୟୁଙ୍କୁ ଭୋଟ୍ ଦେବେ ବୋଲି ଅବଢ଼ା ଛୁଇଁ ଶପଥ ନେଇଥିଲେ। ସେପଟେ ରାମକୃଷ୍ଣ ପଟ୍ଟନାୟକଙ୍କ ନେତୃତ୍ୱରେ ଲିଙ୍ଗରାଜ ମନ୍ଦିରକୁ ଯାଇ ଗଞ୍ଜାମ ଜିଲ୍ଲାର ବିଜେଡ଼ି ବିଧାୟକମାନେ ଏୟୁଙ୍କୁ ଭୋଟ୍ ଦେବା ପାଇଁ ସଂକଳ୍ପ କରିଥିଲେ।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA



# ସ୍ୱାଧୀନ ଭାବେ ଦିଲ୍ଲୀପଙ୍କ ବାଜିମାତ୍

୨୦୦୨ ମାର୍ଚ୍ଚ ୨୯। ବିଜୁଙ୍କ ପୁତ୍ରତୁଲ୍ୟ, ବିଜେଡ଼ିର ଅନ୍ୟତମ ପ୍ରତିଷ୍ଠାତା ସଦସ୍ୟ, ଅଟଳ ବିହାରୀ ବାଜପେୟୀଙ୍କ ସରକାରରେ ମନ୍ତ୍ରୀ, ପରେ ନବୀନଙ୍କ ଦ୍ୱାରା ବିଜେଡ଼ିରୁ ବିତାଡ଼ିତ ଦିଲ୍ଲୀପ ରାୟ ରାଜ୍ୟସଭାକୁ ନିର୍ବାଚିତ ହେଲେ। ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ି ଦିଲ୍ଲୀପଙ୍କ ନିର୍ବାଚନ ଜିଣିବା ନବୀନଙ୍କୁ ଶକ୍ତ ଝଟ୍‌କା ଦେଇଥିଲା ।

ସେହି ନିର୍ବାଚନରେ ବିଜେଡ଼ି ପକ୍ଷରୁ ପ୍ରାର୍ଥୀ ହୋଇଥିଲେ ସୁଶ୍ରୀ ଦେବୀ ଓ ପ୍ରମିଳା ବହିଦାର। ବିଜେପିରୁ ପ୍ରାର୍ଥୀ ଥିଲେ ସୁରେନ୍ଦ୍ର କୁମାର ଲାଠ। ସେତେବେଳେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିଲେ ମୋରିସ୍ କୁଜୁର। କିନ୍ତୁ ତାଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା।

ଦିଲ୍ଲୀପ ରାୟଙ୍କୁ ନବୀନ ବାବୁ ରାଜ୍ୟସଭାକୁ ପଠାଇବାକୁ ଚାହିଁନଥିଲେ । ତେଣୁ ଦିଲ୍ଲୀପ ୬ ବିଜେପି ବିଧାୟକ, ୩ କଂଗ୍ରେସ ବିଧାୟକ ଓ ତିନି ସ୍ୱାଧୀନ ବିଧାୟକଙ୍କ ସମର୍ଥନରେ ରାଜ୍ୟସଭା ପାଇଁ ନାମାଙ୍କନ ଭରିଥିଲେ। ଅପରପକ୍ଷରେ ଦିଲ୍ଲୀପଙ୍କୁ ହରାଇବା ପାଇଁ ନବୀନ ବାବୁ କଂଗ୍ରେସ ସହ ଭିତିରିଆ ବୁଝାମଣା କରିଥିଲେ। କୁଜୁରଙ୍କୁ ବିଜେଡ଼ିର ବଳକା ଭୋଟ୍ ଯିବ, କିନ୍ତୁ କଂଗ୍ରେସ ବିଧାୟକମାନେ କ୍ରସଭୋଟିଂ ନକରନ୍ତୁ ବୋଲି ନବୀନ ସର୍ତ୍ତ ରଖିଥିଲେ। ଏହି ନିର୍ବାଚନରେ ୧୪୩ ବିଧାୟକ ମତଦାନ କରିଥିଲେ । ସେତେବେଳେ ଜଙ୍ଗଲ ଓ ପରିବେଶ ବିଭାଗର ମନ୍ତ୍ରୀ ଥିଲେ ଅଦ୍ୱୈତ ପ୍ରସାଦ ସିଂ। ଅସୁସ୍ଥ ଥିଲେବି ତାଙ୍କୁ ରାଜ୍ୟସଭା ଭୋଟ୍ ପାଇଁ ମତଦାନ କେନ୍ଦ୍ରକୁ ଅଣାଯାଇଥିଲା। କିନ୍ତୁ ସେ ଠିକ୍ ଭାବେ ବାଲାଟ୍ ପେପରରେ ଷ୍ଟାମ୍ପ ମାରି ନପାରିବାରୁ ତାଙ୍କ ଭୋଟ୍ ନାକଚ ହୋଇଥିଲା। ନବୀନଙ୍କ ସବୁ ଗଣିତକୁ ଦିଲ୍ଲୀପ ରାୟ ଭୁଲ୍ ବୋଲି ପ୍ରମାଣିତ କରିଦେଲେ। ବିଜେଡ଼ିର ପ୍ରାୟ ୧୪ ବିଧାୟକ ଦିଲ୍ଲୀପଙ୍କୁ ପ୍ରଥମ ପ୍ରିଫେରେନ୍ସ ଭୋଟ୍ ଦେଇଥିଲେ । ସେହିପରି ବିଜେପିର ମଧ୍ୟ ୬ ବିଧାୟକ ତାଙ୍କୁ ଦ୍ୱିତୀୟ ପ୍ରିଫେରେନ୍ସ ଭୋଟ ଦେଲେ। ସବୁଠାରୁ ବଡ଼ କଥା ହେଉଛି, ବିଜେଡ଼ି ଓ ବିଜେପି ମେଣ୍ଟ ହୋଇଥିଲେବି ବିଜେପି ବିଧାୟକ ଦଳ ନେତା ବିଶ୍ୱଭୂଷଣ ହରିଚନ୍ଦନ କହିଥିଲେଯେ, କଂଗ୍ରେସ ହାରିଥିବାରୁ ସେ ଖୁସି ।

## ନବୀନଙ୍କୁ ବଦନାମ୍ କରିଥିବା ରାଜ୍ୟସଭା ନିର୍ବାଚନ

# ଘୋଡ଼ାବେପାର ଓ ବୈଷ୍ଣବ ପରିଡ଼ା



ଜୁନ୍ ୧୭, ୨୦୧୦ର ଘଟଣା। ତିନି ରାଜ୍ୟସଭା ଆସନପାଇଁ ବିଜେଡ଼ି ପ୍ୟାରୀମୋହନ ମହାପାତ୍ର, ଶଶୀଭୂଷଣ ବେହେରା ଓ ବୈଷ୍ଣବ ପରିଡ଼ାଙ୍କୁ ପ୍ରାର୍ଥୀ କରିଥିଲା। ତୃତୀୟ ଆସନ ପାଇଁ ଦଳ ପକ୍ଷରୁ ବୈଷ୍ଣବ ପ୍ରାର୍ଥୀ ହୋଇଥିଲେବି ଦଳ ପାଖରେ ସଂଖ୍ୟା ନଥିଲା। ଅପରପକ୍ଷରେ କଂଗ୍ରେସ ଓ ବିଜେପି ସହଯୋଗରେ ବିଶିଷ୍ଟ ଶିଳ୍ପପତି ତାରା ପଟ୍ଟନାୟକ ସ୍ୱାଧୀନ ଭାବେ ରାଜ୍ୟସଭା ପ୍ରାର୍ଥୀ ହୋଇଥିଲେ। ଏହି ନିର୍ବାଚନରେ ୧୪୪ ଜଣ ବିଧାୟକ ଭୋଟ୍ ଦେଇଥିଲେ। ସେଥିମଧ୍ୟରୁ ଜଣଙ୍କ ଭୋଟ୍ ନାକଚ ହୋଇଥିବାବେଳେ ଆଉ ଗୋଟିଏ ଭୋଟ୍ ଗଣତି କରାଯାଇନଥିଲା। କଂଗ୍ରେସର ୨୭ ବିଧାୟକଙ୍କ ମଧ୍ୟରୁ ୨୫ ଜଣ ତାରାଙ୍କ ସପକ୍ଷରେ ଭୋଟ୍ ଦେଇଥିଲେ। କଂଗ୍ରେସର ଦୁଇ ବିଧାୟକ ରାଜଗାଙ୍ଗପୁରର ଗ୍ରିଗୋରୀ ମିଞ୍ଜ ଓ ଲାଞ୍ଜିଗଡ଼ର ଶିବାଜୀ ମାଝି ଅନୁପସ୍ଥିତ ଥିବାରୁ ତାଙ୍କୁ ଦଳ ନିଲମ୍ବିତ କରିଥିଲା। ସେହିପରି ବଣାଇର ବିଜେପି ବିଧାୟକ ଭୀମସେନ ଚୌଧୁରୀଙ୍କୁ ବି ଅନୁପସ୍ଥିତ କାରଣରୁ ପରେ ତାଙ୍କ ଦଳ ନିଲମ୍ବନ କରିଥିଲା। ଏହି ନିର୍ବାଚନରେ ପ୍ୟାରୀ ଓ ଶଶୀ ୩୭ଟି ପ୍ରଥମ ପସନ୍ଦର ଭୋଟ୍ ପାଇଥିବାବେଳେ ବୈଷ୍ଣବଙ୍କୁ ମିଳିଥିଲା ୩୬ ଭୋଟ୍ । ଯେତେବେଳେକି ତାରାଙ୍କୁ ୩୩ଟି ଭୋଟ୍ ମିଳିଥିଲା।

## ଅଡ଼ିଓ ଟେପ୍

### କନକରେ ଅତନୁ ଓ ପୁଷ୍ପେନ୍ଦ୍ର





କନକ ଟିଭିରେ ଅତନୁ ଓ ପୁଷ୍ପେନ୍ଦ୍ରଙ୍କ ଅଡ଼ିଓ ଟେପ୍ ଭାଇରାଲ୍ ହୋଇଥିଲା। ଲାଞ୍ଜିଗଡ଼ ବିଧାୟକ ଶିବାଜୀ ମାଝୀଙ୍କୁ ରାଜ୍ୟସଭା ନିର୍ବାଚନରେ ଅନୁପସ୍ଥିତ ରହିବାକୁ ସେମାନେ କହୁଥିବା ଶୁଣିବାକୁ ମିଳିଥିଲା । କିନ୍ତୁ ଅତନୁ ଓ ପୁଷ୍ପେନ୍ଦ୍ର ଏହି ଅଭିଯୋଗକୁ ଖଣ୍ଡନ କରିବା ସହ ଅଡ଼ିଓ କଲ୍ ଜାଲ୍ ବୋଲି କହିଥିଲେ ।

### ଇଟିଭିରେ ଜୟ-ତାରା





ଇଟିଭିରେ ବିଜେପି ନେତା ଜୟ ନାରାୟଣ ମିଶ୍ର ଓ ତାରା ପଟ୍ଟନାୟକଙ୍କ ଅଡ଼ିଓ ଟେପ୍ ପ୍ରସାରିତ ହୋଇଥିଲା। ଯେଉଁଥିରେ ବିଜେପି ବିଧାୟକ ହିତେଶ ବଗର୍ତ୍ତିଙ୍କୁ ୭୦ ଲକ୍ଷ ଟଙ୍କା ଦେବାପାଇଁ ଡିଲ୍ ହେବାର ଶୁଣିବାକୁ ମିଳିଥିଲା। ପରେ ଉଭୟ ତାରା ଓ ଜୟ ଏହାକୁ ଖଣ୍ଡନ କରିବା ସହ ଅଡ଼ିଓ କଲକୁ ଜାଲ୍ ବୋଲି ଦର୍ଶାଇଥିଲେ।

ଗର୍ବିତ ଓଡ଼ିଆ ODIA WEEKLY • GARVIT ODIA

## ରାଜ୍ୟ ରାଜନୀତିର ମୋଡ଼ ବଦଳାଇଥିବା ରାଜ୍ୟସଭା ନିର୍ବାଚନ

# ବାଜିମାରିଲେ ଅଶ୍ୱିନୀ ବୈଷ୍ଣବ



୨୦୧୯ ଜୁନ୍ ୨୧। ସେତେବେଳକୁ ବିଜେଡ଼ି ରାଜ୍ୟସଭା ଉପନିର୍ବାଚନ ପାଇଁ ସସ୍ମିତ ପାତ୍ର ଓ ଅମର ପଟ୍ଟନାୟକଙ୍କ ନାମ ଘୋଷଣା କରିସାରିଥିଲା। କିନ୍ତୁ ସଂଖ୍ୟା ଥିଲେ ବି ତୃତୀୟ ପ୍ରାର୍ଥୀ ଘୋଷଣା କରିନଥିଲା। ହଠାତ୍ ନବୀନ ତୃତୀୟ ପ୍ରାର୍ଥୀଙ୍କ ନାମ ଘୋଷଣା କରିବା ପାଇଁ ମିଡ଼ିଆକୁ ଡାକିଲେ। ଅଶ୍ୱିନୀ ବୈଷ୍ଣବ ବିଜେଡ଼ିରୁ ପ୍ରାର୍ଥୀ ହେବେବୋଲି ନବୀନ ଘୋଷଣା କରିଥିଲେ। ସେପଟେ ବିଜେପି ପକ୍ଷରୁ ଅଶ୍ୱିନୀଙ୍କୁ ପ୍ରାର୍ଥୀ ଘୋଷଣା କରାଯିବା ପରେ କିଛି ସମୟ ପାଇଁ ଦ୍ୱନ୍ଦ ଲାଗି ରହିଥିଲା। ପରେ ଅଶ୍ୱିନୀ ବିଜେପିରୁ ପ୍ରାର୍ଥୀ ହେବେ ଓ ବିଜେଡ଼ି ତାଙ୍କୁ ସମର୍ଥନ କରିବ ବୋଲି ନବୀନ ଘୋଷଣା କରିଥିଲେ। ଯାହାକି ଉଭୟ ବିଜେଡ଼ି ଓ ବିଜେପି ଶିବିରକୁ ଚକିତ କରିଦେଇଥିଲା। ଏହାପରେ ବିଜେଡ଼ି-ବିଜେପି କୋଳାକୋଳି ହୋଇ ରାଜନୀତିକ ବାଟ ଚାଲୁଥିବା ଦେଖିବାକୁ ମିଳିଥିଲା। ସେହି ଉପନିର୍ବାଚନ ବେଳଠାରୁ ନବୀନ ଓ ମୋଦିଙ୍କ ମଧ୍ୟରେ ସମ୍ପର୍କ ବି ମଜବୁତ୍ ହୋଇଥିଲା।

୨୦୨୪ ଫେବୃଆରୀ ବେଳକୁ ରାଜ୍ୟ ରାଜନୀତି ଗରମ ଥାଏ। ବିଜେଡ଼ି-ବିଜେପି ଟକ୍କରାଟକ୍କରି ଚାଲିଥାଏ। ଉଭୟ ଦଳ ପରସ୍ପରକୁ କଡ଼ା ଟାର୍ଗେଟ୍ କରୁଥା'ନ୍ତି। ସେତେବେଳେ ପୁଣି ୩ ଆସନ ପାଇଁ ରାଜ୍ୟସଭା ନିର୍ବାଚନ ହେବାର ଥିଲା। ବିଜେଡ଼ି ଶୁଭାଶିଷ ଖୁଣ୍ଟିଆ ଓ ଦେବାଶିଷ ସାମନ୍ତରାୟଙ୍କ ନାମ ଘୋଷଣା କରିଥିଲେ ବି ତୃତୀୟ ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିନଥାଏ। ୨୦୧୯ ଭଳି ୨୦୨୪ରେ ବି ଅଶ୍ୱିନୀ ପୁଣି ବିଜେପିରୁ ପ୍ରାର୍ଥୀ ହୋଇଥିବାବେଳେ ବିଜେଡ଼ି ତାଙ୍କୁ ସମର୍ଥନ ଘୋଷଣା କରିଥିଲା। ପରେପରେ ଉଭୟ ଦଳ ମଧ୍ୟରେ ମେଣ୍ଟ ନେଇ ପ୍ରକ୍ରିୟା ବି ଆରମ୍ଭ ହୋଇଯାଇଥିଲା। ଅବଶ୍ୟ ଶେଷରେ ତାହା ସଫଳ ହୋଇନଥିଲା।

ଗର୍ବିତ ଓଡିଆ
ODIA WEEKLY ● GARVIT ODIA





୨୦୧୯ ରୁ ୨୦୨୪ ମଧ୍ୟରେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ସସ୍‌ପେଣ୍ଡ ଓ ଏକ୍ସପେଲ୍‌ର ଧାଡ଼ି ଲମ୍ବାଇ ଦେଇଥିଲେ । ତତ୍କାଳୀନ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ରେମୁଣା ବିଧାୟକ ସୁଧାଂଶୁ ପରିଡ଼ାଙ୍କୁ ଦଳରୁ ବିଦା କରାଯାଇଥିଲା । ଇତିମଧ୍ୟରେ ପ୍ରଦୀପ ପାଣିଗ୍ରାହୀ ବିଜେପିରେ ଯୋଗଦେଇ ବ୍ରହ୍ମପୁରର ସାଂସଦ ହୋଇଥିବାବେଳେ ପ୍ରଶାନ୍ତ ଜଗଦ୍ଦେବ ବିଜେପି ଟିକେଟରେ ଖୋର୍ଦ୍ଧାରୁ ବିଧାୟକ ହୋଇଛନ୍ତି । ଅପରପକ୍ଷରେ ସୁଧାଂଶୁ ପରିଡ଼ାଙ୍କ ବହିଷ୍କାର ଆଦେଶ ପ୍ରତ୍ୟାହାର କରାଯାଇଛି ।

**କିଛି କିଛି ଲୋକଙ୍କୁ ଧଡ଼ସ ଲାଗେ । ମାନେ ପବନରେ କ'ଣ ଟିକେ ଧଡ଼ଧଡ଼ ଫଡ଼ଫଡ଼ ହୋଇଗଲେ ବି ସେମାନେ ଡରିଯାଆନ୍ତି । ନବୀନବାବୁ ଠିକ୍ ସେମିତି । ଉପରକୁ ସିନା ଭାରି କୋମଳ ଦିଶନ୍ତି, ହେଲେ ରାଗ ତାଙ୍କର ଦୁର୍ବାସାଙ୍କଠୁ ବି ଅଧିକା । ଲୋକେ ସିନା କହନ୍ତି ତାଙ୍କର ଚଉକି ଲୋଭ ନାହିଁ । କିନ୍ତୁ ବାସ୍ତବତା ଠିକ୍ ଓଲଟା । କ୍ଷମତା ଚଉକିର ଖୁରା ଟିକେ ନଡ଼ନଡ଼ ହେଲାମାନେ ସେ ସାଙ୍ଗେସାଙ୍ଗେ ଚଉକିର ଖୁରା ବଦଳାଇ ଦିଅନ୍ତି । ୧୯୯୮ ରୁ ଏଯାବତ୍ ନବୀନ କେତେ କାହାଙ୍କୁ ଖୁରରେ ଚାଞ୍ଛି ଦେଇଛନ୍ତି ତାହାର ଇୟତ୍ତା ନାହିଁ ।**



# ନବୀନଙ୍କ ଆକ୍ସନ୍

## ୨୦୦୦ ଫେବୃଆରୀ: ବିଜୟ ମହାପାତ୍ର

ବିଜୁ ଜନତା ଦଳର ପ୍ରତିଷ୍ଠାତା ସଦସ୍ୟ ବିଜୟ ମହାପାତ୍ରଙ୍କ ଟିକେଟ୍ କାଟିଦେଲେ ନବୀନ ବାବୁ । ଏମିତି ସମୟରେ ଟିକେଟ୍ କାଟିଲେଯେ, ସେ ଆଉ ସ୍ୱାଧୀନ ଭାବେ ବି ନାମାଙ୍କନ ଭରିପାରିଲେନି । ତା'ପରେ ତାଙ୍କୁ ଦଳରୁ ବିଦା ବି କରିଦେଲେ । ସେତେବେଳେ ରାଜନୀତିକ ମହଲରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ବିଜୟ କୁଆଡ଼େ ମୁଖ୍ୟମନ୍ତ୍ରୀ ଚଉକି ଉପରେ ଆଖି ପକେଇଥିଲେ । ସେଥିପାଇଁ ଡରରେ ନବୀନ ତାଙ୍କୁ ଦଳରୁ ବିଦା କରିଦେଲେ । ସେବେଠାରୁ ବିଜୟ ବାବୁ ଅବଶ୍ୟ ଆଉ ବିଧାନସଭା ଫେରିପାରିନାହାନ୍ତି, କିନ୍ତୁ ଏବେବି ବିଜୟଙ୍କ ପ୍ରତି ନବୀନଙ୍କ ଭୟ ବେଶ୍ ବାରି ହୋଇପଡ଼େ ।

## ୨୦୦୧ ଜୁଲାଇ: ନଳିନୀକାନ୍ତ ମହାନ୍ତି

ବିଜେଡ଼ି ଗଠନ ବେଳେ ନଳିନୀକାନ୍ତ ମହାନ୍ତି ବି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପ୍ରଥମେ ନବୀନ ତାଙ୍କୁ ମନ୍ତ୍ରୀମଣ୍ଡଳରୁ ବିଦା କରିଥିଲେ । ଏହାକୁ ନେଇ ନଳିନୀ ବି ନବୀନଙ୍କ ଉପରେ ବର୍ଷିଥିଲେ । ପରେ ତାଙ୍କୁ ନବୀନ ବାବୁ ବହିଷ୍କାର କରିଦେଲେ । ତେବେ ନଳିନୀ ଦବିନଯାଇ କଂଗ୍ରେସକୁ ଯାଇଥିଲେ । କଂଗ୍ରେସ ଟିକେଟ୍‌ରେ ବି ସେ ୨୦୦୪ରେ ନିର୍ବାଚନ ଜିଣି ବିଧାନସଭା ଆସିପାରିଥିଲେ ।

## ୨୦୦୨ ମାର୍ଚ୍ଚ: ଦିଲ୍ଲୀପ ରାୟ

ବିଜୁବାବୁଙ୍କ ସହ ଦିଲ୍ଲୀପଙ୍କର କିଭଳି ନିଘନ ସମ୍ପର୍କ ଥିଲା ତାହା ସମସ୍ତେ ଜାଣନ୍ତି । ବିଜେଡ଼ି ଗଠନ ଓ ବିଜେପି ସହ ମେଣ୍ଟ କରିବାରେ ତାଙ୍କର ଏକ ପ୍ରମୁଖ ଭୂମିକା ରହିଥିଲା । ବାଜପେୟୀଙ୍କ ସରକାରରେ ସେ ମନ୍ତ୍ରୀ ମଧ ଥିଲେ । ୨୦୦୨ରେ ତାଙ୍କୁ ନବୀନ ବାବୁ ରାଜ୍ୟସଭା ଟିକେଟ ଦେଇନଥିଲେ । ଏହାର ପ୍ରତିବାଦରେ ଦିଲ୍ଲୀପ ସ୍ୱାଧୀନ ଭାବେ ନାମାଙ୍କନ ପତ୍ର ଦାଖଲ କଲେ । ନବୀନ ତାଙ୍କୁ ନିଲମ୍ବନ କରିଥିଲେବି ଦିଲ୍ଲୀପ କିନ୍ତୁ ରାଜ୍ୟସଭା ନିର୍ବାଚନରେ ବାଜିମାତ୍ କରି ରାଜ୍ୟ ରାଜନୀତିରେ ଚହଳ ପକାଇ ଦେଇଥିଲେ ।

## ୨୦୦୨ ସେପ୍ଟେମ୍ବର: ରାମକୃଷ୍ଣ ପଟ୍ଟନାୟକ

ନବୀନ ବାବୁ ଯେତେବେଳେ ନୂଆ କରି ରାଜନୀତିର ମଙ୍ଗ ଧରିଲେ ସେତେବେଳେ ତାଙ୍କୁ ଫୁଲ୍ ଦମ୍‌ରେ ସହଯୋଗ କରୁଥିଲେ ରାମକୃଷ୍ଣ ପଟ୍ଟନାୟକ । ଗଞ୍ଜାମ ରାଜନୀତିରେ ତାଙ୍କର ଏତେ ପ୍ରଭାବଯେ, ତାଙ୍କୁ ଗଞ୍ଜାମ ଟାଇଗର ବୋଲି କୁହାଯାଉଥିଲା । ରାମକୃଷ୍ଣଙ୍କୁ ନୀଚା ଦେଖାଇବା ପାଇଁ ନବୀନ ପ୍ରଥମେ ମନ୍ତ୍ରୀମଣ୍ଡଳରେ ତାଙ୍କ ବିଭାଗ ବଦଳାଇଦେଲେ । ପରେ ରାମକୃଷ୍ଣ ଓ ତାଙ୍କ ସାଂସଦ ପତ୍ନୀ କୁମୁଦିନୀ ପଟ୍ଟନାୟକଙ୍କୁ ସେ ଦଳରୁ ବହିଷ୍କାର କରିଥିଲେ । ନବୀନ ଆସ୍କା ସାଂସଦ ପଦରୁ ଇସ୍ତଫା ଦେବା ପରେ କୁମୁଦିନୀଙ୍କୁ ହିଁ ସାଂସଦ କରିଥିଲେ ।

## ୨୦୧୨ ନଭେମ୍ବର: ପ୍ୟାରୀମୋହନ ମହାପାତ୍ର

ମେ' ୨୯ ଷଡ଼ଯନ୍ତ୍ରକୁ ନେଇ ନବୀନ ପଟ୍ଟନାୟକ ପ୍ୟାରୀମୋହନଙ୍କ ଉପରେ କ୍ଷୁବ୍ଧ ଥିଲେ । ଏକଦା ରାଜ୍ୟ ରାଜନୀତିରେ ସେ ଅଙ୍କଲ ଭାବେ ପରିଚିତ ଥିଲେ । ବିଜୁଙ୍କ ଅତ୍ୟନ୍ତ ଘନିଷ୍ଠ ଥିବା ପ୍ୟାରୀବାବୁ ନବୀନ ଓ ବିଜେଡ଼ିର ବି ମାର୍ଗଦର୍ଶକ ପାଲଟିଥିଲେ । ପ୍ୟାରୀଙ୍କ ସହିଦନଗର ଘର ଥିଲା ବିଜେଡ଼ିର କ୍ଷମତା କେନ୍ଦ୍ର । ଦଳର ସବୁ ନୀତି ନିର୍ଦ୍ଧାରଣ ପ୍ୟାରୀ ହିଁ କରୁଥିଲେ । ସେ ଯାହା ଚାହୁଁଥିଲେ ସେଇଆ ହିଁ ହେଉଥିଲା । ତେବେ ପାଣ୍ଡିଆନ୍ ନବୀନଙ୍କର ଘନିଷ୍ଠ ହେବାପରେ ପ୍ୟାରୀଙ୍କ ପକ୍ଷଚ୍ଛେଦନ ଆରମ୍ଭ ହୋଇଥିଲା । ପରେ ରାଗରେ ପ୍ୟାରୀ ବିଧାୟକଙ୍କ ମେଳି କରିଥିଲେ । ସେତେବେଳେ ନବୀନ ବାବୁ ଲଣ୍ଡନରେ ଥିଲେ । ମୁଖ୍ୟମନ୍ତ୍ରୀ ହେବା ପରେ ତାହା ଥିଲା ନବୀନଙ୍କ ପ୍ରଥମ ବିଦେଶ ଗସ୍ତ । ହଠାତ୍ ସେ ଲଣ୍ଡନ ଗସ୍ତ ବାତିଲ୍ କରି ଭୁବନେଶ୍ୱର ଫେରିବା ସହ ବେଇମାନ୍ କହି ପ୍ୟାରୀଙ୍କୁ ଦଳରୁ ବିଦା କରିଥିଲେ । ତେବେ ସେହିବର୍ଷ ନଭେମ୍ବରରେ ତାଙ୍କୁ ଦଳର ସମ୍ବିଧାନ ଆଧାରରେ ବୈଠକ ବସି ବହିଷ୍କାର କରାଯାଇଥିଲା ।

## ୨୦୧୮ ସେପ୍ଟେମ୍ବର: ଦାମୋଦର ରାଉତ

ଡାକ୍ତର ଦାମୋଦର ରାଉତଙ୍କୁ ନବୀନ ପଟ୍ଟନାୟକ ୨୦୧୮ ସେପ୍ଟେମ୍ବରରେ ଦଳରୁ ବହିଷ୍କାର କରିଥିଲେ । ସେତେବେଳେ ସେ ଦଳର କାର୍ପେଟବାରମାନଙ୍କୁ ସମାଲୋଚନା କରିଥିଲେ । ଜଣେ ପ୍ରଶାସକ ଓ ତିନି ବିଧାୟକ ଦଳ ଓ ସରକାରକୁ ଚଳାଉଛନ୍ତି ଏବଂ ଦୁର୍ନୀତି କରୁଛନ୍ତି ବୋଲି ସଂଗୀନ ଅଭିଯୋଗ ବାଢ଼ିଥିଲେ । ପରେ ଦାମବାବୁ ବିଜେପିରେ ଯୋଗଦେଇ ନିର୍ବାଚନ ଲଢ଼ିଥିଲେ । କିନ୍ତୁ ପୁଅ ବିଜେଡ଼ି ବିଧାୟକ ହେବାପରେ ଦାମବାବୁ ବହୁଦିନ ନୀରବ ରହିବାକୁ ବାଧ୍ୟ ହୋଇଥିଲେ । ୨୦୨୪ ନୂଆବର୍ଷରେ ନବୀନ ବାବୁ ତାଙ୍କ ଉପରୁ ବହିଷ୍କାର ଆଦେଶ ପ୍ରତ୍ୟାହାର କରିଥିଲେ । ସେ ସମୟରେ ଦାମବାବୁ ଅସୁସ୍ଥ ଥିଲେ ଓ ଦଳକୁ ଫେରିବା ପାଇଁ ଚାହୁଁଥିଲେ ।

## ତଥାପି ଅସୁରକ୍ଷିତ

୧୯୯୭ରୁ ଏଯାଏଁ । ନବୀନଙ୍କ ହାତରେ ହିଁ ବିଜେଡ଼ିର ମଙ୍ଗ । ୨୦୦୦ରୁ ୨୦୦୪ ଭିତରେ ବିଜୁବାବୁଙ୍କ ଅମଳର ଟାଣୁଆ ନେତାଙ୍କୁ ଦଳରୁ ତଡ଼ିଦେବା ପରେ ନବୀନ ଭାବିଥିଲେ ନିଷ୍କଣ୍ଟକ ହୋଇଗଲେ । ଅଙ୍କଲ ପ୍ୟାରୀମୋହନଙ୍କ ହାତରେ ଦଳର ସବୁ ଦାୟିତ୍ୱ ଦେଇ ଆରାମରେ ବସିଲେ । ଯିଏ ଆସିଲା, ତାଙ୍କୁ କହିଲେ, ପ୍ୟାରୀଙ୍କ ପାଖକୁ ଯାଅ । ଆଜିକା ଦିନରେ ବିଜେଡ଼ିକୁ ମଜବୁତ୍ କରିବା ପଛରେ ପ୍ୟାରୀଙ୍କ ଅବଦାନ ସବୁଠୁ ଅଧିକ । ପ୍ୟାରୀଙ୍କ ଶତ୍ରୁ ବିବେଚିତ ବିଜୟ ମହାପାତ୍ର ଏକଥା ସ୍ୱୀକାର କରିବାକୁ ପଛାଇନଥିଲେ । ହେଲେ ୨୦୧୨ ମେ' ୨୯ ମିଡ଼ ନାଇଟ ଅପରେସନ ନବୀନଙ୍କ ନିଦ ହଜାଇ ଦେଇଥିଲା । ସେହି ସମୟରେ ବୈଜୟନ୍ତ ପଣ୍ଡା, ଦାମୋଦର ରାଉତ, ପ୍ରସନ୍ନ ଆଚାର୍ଯ୍ୟଙ୍କ ଭଳି ଅନେକ ନେତା ଦଳକୁ ଭାଙ୍ଗିବାକୁ ଦେଇନଥିଲେ । ପ୍ୟାରୀଙ୍କୁ ବିଦା କରିବା ପରେ ସମସ୍ତେ ଭାବୁଥିଲେ ନବୀନ ଏଥର ନିଶ୍ଚିନ୍ତରେ ବସିବେ । ହେଲେ ନବୀନଙ୍କ ମନ କିନ୍ତୁ ସନ୍ତୁଷ୍ଟ ନଥିଲା । ସବୁବେଳେ ଅସୁରକ୍ଷିତ ଭାବନାରେ ବଞ୍ଚୁଥିବା ନବୀନବାବୁ ବରିଷ୍ଠ ନେତାମାନଙ୍କ ଡେର କାଟିବା ଆରମ୍ଭ କଲେ । କନିଷ୍ଠଙ୍କୁ ମନ୍ତ୍ରୀ ପଦ, ବରିଷ୍ଠଙ୍କୁ ଅଣଦେଖା ଭଳି ଏକ ନୀତି ବି ଜାରିରଖିଲେ । ଶହ ଶହ ନେତା ଥିଲେବି ନବୀନ କାହାକୁ ପସନ୍ଦ କରିନଥିଲେ । ଶେଷରେ ଭରସାର କେନ୍ଦ୍ରବିନ୍ଦୁ ପାଲଟିଥିଲେ ପାଣ୍ଡିଆନ୍ ଓ ବବି । ପାଣ୍ଡିଆନ୍ ରଣନୀତି କରୁଥିଲେ ଆଉ ବବି କାର୍ଯ୍ୟାନ୍ୱୟନ କରୁଥିଲେ । ୨୦୨୨ର ପଞ୍ଚାୟତ ଓ ପୌର ସଫଳତା ପରେ ନବୀନ ବେଶ୍ ଉଲ୍ଲସିତ ହୋଇ ନାହିରେ ତେଲ ଦେଇ ବସି ପଡ଼ିଥିଲେ । କାହିଁକିନା ତାଙ୍କ ମତରେ ସଫଳତାମାନେ ନିର୍ବାଚନ ବିଜୟ । କିନ୍ତୁ ସେ କର୍ମୀ, ନେତାଙ୍କ ମନ ପଢ଼ିବାରେ ଅସମର୍ଥ ଥିଲେ । ଯାହାର ପରିଣାମ ୨୦୨୪ରେ ଭୋଗିବାକୁ ପଡ଼ିଲା । ଦଳ ହାରିବା ପରେ ସେ ସମସ୍ତଙ୍କୁ ଭିନ୍ନ ଚକ୍ଷୁରେ ଦେଖିବାକୁ ଲାଗି ପଡ଼ିଛନ୍ତି । କାହା ଉପରେ ଭରସା ନଥିବାରୁ ଏବେ ପ୍ରତିଦିନ ନିଜେ ବସି ଅଙ୍କକଷାରେ ଲାଗି ପଡ଼ିଛନ୍ତି । ପରିଣତ ବୟସରେ ଅସୁରକ୍ଷିତ ମନରେ ନବୀନ ଦଳକୁ ମଜବୁତ୍ କରିପାରିବେ ତ ?

ଗର୍ବିତ ଓଡ଼ିଆ



# ଶଙ୍ଖ-ପଦ୍ମ-ହାତକୁ ହାତୀ ଚିନ୍ତା

**ରାୟଗଡାରୁ ଟି. ଅଶୋକ କୁମାର**

ଆସନ୍ତା ୨୦୨୭ ଜାନୁଆରୀରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ରାଜ୍ୟ ନିର୍ବାଚନ କମିଶନର ମଧୁସୂଦନ ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେବା ପରେ ରାଜ୍ୟ ରାଜନୀତି ଚଳଚଞ୍ଚଳ ହୋଇଯାଇଛି। ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି ବିଜେପି କଂଗ୍ରେସ ଦାବି କରୁଛନ୍ତିଯେ, ନିର୍ବାଚନ ହେଲେ ଆମେ ପ୍ରସ୍ତୁତ। ହେଲେ ବର୍ତ୍ତମାନ ରାଜନୈତିକ ପାଣିପାଗ ଅନୁସାରେ ବିଜେଡି, ବିଜେପି ଓ କଂଗ୍ରେସ ବାହାସ୍ଫୋଟ ମାରିବା ଭଳି ଅନୁମାନ ହେଉଛି। କାହିଁକିନା ଆଦିବାସୀ ଅଧ୍ୟୁଷିତ ରାୟଗଡା ଜିଲ୍ଲାରେ ରାଜନୈତିକ ପାଣିପାଗ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ବରିଷ୍ଠ ରାଜନେତା ତଥା ପୂର୍ବତନ ରାଜ୍ୟସଭା ସାଂସଦ ଏନ୍. ଭାସ୍କର ରାଓ ବିଜେଡିକୁ ବାଏ ବାଏ କରିବା ପରେ ରାୟଗଡା ଜିଲାରେ ବିଜେଡି ଏକ ପ୍ରକାର ସୁପ୍ତ ହୋଇଯାଇଛି । କଂଗ୍ରେସ ଓ ବିଜେପିର ତୃଣମୂଳ ସ୍ତରରେ ଦଳୀୟ ସଂଗଠନ ନକହିବା ଭଲ । ରାଜ୍ୟରେ ବିଜେପି କ୍ଷମତାରେ ଥିବାବେଳେ କଂଗ୍ରେସ କିନ୍ତୁ ରାୟଗଡା ଜିଲ୍ଲାରେ କ୍ଷମତାରେ ରହିଛି। ଜିଲ୍ଲାରେ ତିନି ବିଧାୟକଙ୍କ ସହ ଜଣେ ସାଂସଦ ବି କଂଗ୍ରେସ। ଏସବୁ ଭିତରେ ଜିଲ୍ଲାରେ ଏବେ ହାତୀକୁ ନେଇ ଜୋରଦାର ଚର୍ଚ୍ଚା। ଏମିତିକି ହାତ, ଶଙ୍ଖ ଓ ପଦ୍ମକୁ ଏହା ଚିନ୍ତାରେ ପଡ଼ିଯାଇଛି ।

ରାଜ୍ୟରେ ବହୁଜନ ସମାଜବାଦୀ ପାର୍ଟିର ରାଜ୍ୟ ସାଂଗଠନିକ ପରିବର୍ତ୍ତନ ପରେ ଦଳ ଏବେ ରାୟଗଡା ଜିଲ୍ଲା ଉପରେ ଫୋକସ କରିଛି । ଯାହାକି କଂଗ୍ରେସ, ବିଜେଡି ଓ ବିଜେପି ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଛି। ବିଏସପି ରାଜ୍ୟ ସଭାପତି ଭାବେ ସରୋଜ ନାୟକ ଦାୟିତ୍ୱ ନେବା ପରେ ରାୟଗଡା ଜିଲ୍ଲାରୁ ତୃଣମୂଳ ସ୍ତରରୁ ସଂଗଠନ ସୁଦୃଢ଼ କରିବାରେ ଲାଗିପଡିଛନ୍ତି ସରୋଜ ନାୟକଙ୍କ ଟିମ। ଜିଲ୍ଲାରେ ଦୀର୍ଘଦିନର କ୍ଷମତାସୀନ କଂଗ୍ରେସକୁ ମାତ ଦେଇ ବିଜେଡି ଏକାକୀ କ୍ଷମତା ବଜାୟ ରଖିଥିଲା । ଏପରିକି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଚମ୍ପିୟାନ ବି ହେଉଥିଲା । ହେଲେ ଗତ ଅଗଷ୍ଟ,୨୦୨୫ ପରେ କ୍ଷମତାସୀନ ବିଜେଡିରେ ହଲଚଲ ସୃଷ୍ଟି ହୋଇଛି। ପୂର୍ବତନ ରାଜ୍ୟସଭା ସାଂସଦ ତଥା ବରିଷ୍ଠ ରାଜନେତା ଏନ୍. ଭାସ୍କର ରାଓଙ୍କ ସହ ଅନେକ ତୃଣମୂଳସ୍ତରୀୟ ନେତା ତଥା ଜିଲ୍ଲାର ୧୧ଟି ବ୍ଲକର ସରପଞ୍ଚ, ସମିତିସଭ୍ୟ, ଜିଲ୍ଲାପରିଷଦ ସଭ୍ୟଙ୍କ ସମେତ ପୂର୍ବତନ ସରପଞ୍ଚ, ସମିତିସଭ୍ୟ ଓ ଜିଲ୍ଲାପରିଷଦ ସଭ୍ୟ ଦଳରୁ ଇସ୍ତଫା ଦେଇଥିଲେ। ସେଥିରେ ଇସ୍ତଫା ଦେଇଥିଲେ ଜିଲ୍ଲା ବିଜେଡିର ପୂର୍ବତନ କାର୍ଯ୍ୟକାରୀ ସଭାପତି ତଥା ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା। ଗଙ୍ଗାଧର ଦୀର୍ଘ ତିନିରୁ ଚାରି ମାସ ନୀରବ ରହିବା ପରେ ଉତ୍ତରପ୍ରଦେଶ ଠାରେ ବିଏସପିର କେନ୍ଦ୍ରୀୟ କାର୍ଯ୍ୟାଳୟରେ କେନ୍ଦ୍ରୀୟ ଅଧ୍ୟକ୍ଷା ମାୟାବତୀଙ୍କ ଉପସ୍ଥିତିରେ ଦଳରେ ସାମିଲ ହୋଇଛନ୍ତି। ଯାହାକି ରାୟଗଡା ରାଜନୀତିର ମୋଡ଼ ବଦଳାଇ ଦେଇଛି। ଏପରିକି ଭାସ୍କରଙ୍କ ଖାସ ସହଯୋଗୀ କୁହାଯାଉଥିବା ଗଙ୍ଗାଧରଙ୍କୁ ବିଏସପିର ରାଜ୍ୟ ସାଧାରଣ ସମ୍ପାଦକ ଭଳି ଦାୟିତ୍ୱ ଦେବା ପରେ ଗଙ୍ଗାଧର ସଂଗଠନ ଆରମ୍ଭ କରିଦେଇଛନ୍ତି । ଗଙ୍ଗାଧର ବିଏସପିରେ ସାମିଲ ହେବା ପରେ ରାଜ୍ୟ ସଭାପତି ସରୋଜ ନାୟକ, ଯୁବନେତା ତଥା ବିଷମକଟକ ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଜିତୁ ଜାକେଶିକା ଓ ଗଙ୍ଗାଧର ତିନି ନିର୍ବାଚନମଣ୍ଡଳୀ ବିଷମକଟକ, ଗୁଣୁପୁର ଓ ରାୟଗଡାର ତିନି ଦଳର ଅସନ୍ତୁଷ୍ଟ କର୍ମୀଙ୍କୁ ଏକାଠି କରିବାରେ ଲାଗି ପଡ଼ିଛନ୍ତି । ଯାହାକି ତିନି ପ୍ରମୁଖ ଦଳର ପଞ୍ଚାୟତ ଗଣିତକୁ ଗୋଳମାଳିଆ କରିଦେଇଛି ।

ଗର୍ବିତ ଓଡ଼ିଆ ODIA WEEKLY GARVIT ODIA



# ଖୋର୍ଦ୍ଧା-ଭୁବନେଶ୍ୱର ବିଜେପି ଯେତେ ପାଖୁଡ଼ା, ସେତେ ଗୋଷ୍ଠୀ

ଖୋର୍ଦ୍ଧା-ଭୁବନେଶ୍ୱର ବିଜେପିର ଚିତ୍ର ଦେଖି କାର୍ଯ୍ୟକର୍ତ୍ତାମାନେ ଏବେ ମୁଣ୍ଡରେ ହାତ ଦେଉଛନ୍ତି। ନେତା ନେତାଙ୍କ ଭିତରେ ଫାଟ ଦଳକୁ ମଜବୁତ୍ କ'ଣ କରିବ, ବରଂ ପଦ୍ମ ପାଖୁଡ଼ା ଝଡ଼ିଯିବାର ଆଶଙ୍କା ପ୍ରକାଶ ପାଇଛି। ଆଗକୁ ପଞ୍ଚାୟତ ଓ ପୌର ନିର୍ବାଚନ। ଫୁଲ ଦଳର ବିଚିତ୍ର ରଣନୀତି ଏବେ ଶଙ୍ଖ ଶିବିରରେ ଆନନ୍ଦ ଖେଳାଇ ଦେଇଛି କହିଲେ ଭୁଲ୍ ହେବନାହିଁ।

ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ବିଦେଶ ଗସ୍ତରେ ଯିବା ପୂର୍ବରୁ ଜାନୁଆରୀ ୧୧ରେ ସଂସଦୀୟ କାର୍ଯ୍ୟାଳୟରେ ଲୋକସଭା କ୍ଷେତ୍ରର ନେତୃମଣ୍ଡଳୀ ଓ ଦଳୀୟ ପଦାଧିକାରୀମାନଙ୍କ ସହ ବୈଠକ କରିଥିଲେ। ଯେଉଁଥିରେ ଜିଲ୍ଲା ପଦାଧିକାରୀ, ମଣ୍ଡଳ ସଭାପତି, ଜିଲ୍ଲା ସଭାପତିଙ୍କୁ ଡକା ଯାଇଥିଲା। ତେବେ ଅପରାଜିତାଙ୍କ ବୈଠକରେ ଭୁବନେଶ୍ୱର ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ରଙ୍କୁ ଦେଖିବାକୁ ମିଳିନଥିଲା। ନିରଞ୍ଜନ କିମ୍ବା ତାଙ୍କ ଟିମ୍‌ର ଅନେକ ନେତା ଆସିନଥିଲେ। ସେହି ବୈଠକରେ ଦୁଇ ଟାଣୁଆ ନେତା ବିଶ୍ୱରଞ୍ଜନ ବଡ଼ଜେନା ଓ ପ୍ରଶାନ୍ତ ଜଗଦ୍ଦେବଙ୍କ ମଧ୍ୟରେ କିଭଳି ଉଚ୍ଚବାଚ୍ଚ ହୋଇଥିଲା ତାହା ବି ସମସ୍ତେ ଜାଣିଛନ୍ତି। ଅବଶ୍ୟ ଏହି ବୈଠକରେ ଭୁବନେଶ୍ୱର ଉତ୍ତରର ବିଜେପି ନେତା ପ୍ରିୟଦର୍ଶୀ ମିଶ୍ର ଥିଲେ।

ଅପରପକ୍ଷରେ ନଭେମ୍ବର ୧୪ରେ ମକର ମିଳନ ଆୟୋଜନ କରିଥିଲେ ଜିଲ୍ଲା ସଭାପତି ନିରଞ୍ଜନ ମିଶ୍ର। ସେ ପଦାଧିକାରୀଙ୍କ ବୈଠକ ଡାକି ଆଲୋଚନା କରିଥିଲେ। ବୈଠକରେ ଜଗନ୍ନାଥ ପ୍ରଧାନଙ୍କୁ ପ୍ରମୁଖ ଭୂମିକାରେ ଦେଖିବାକୁ ମିଳିଥିଲା। ସେହିପରି ଜିଲ୍ଲା ପ୍ରଭାରୀ ସରୋଜ କର, ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା ନାୟକ, କାଳୀ ପ୍ରସାଦ ମିଶ୍ର, ସୁଶାନ୍ତ ଜେନା, ଜୟଦେବ ବିଧାନସଭା ପ୍ରାର୍ଥୀ ଅରବିନ୍ଦ ଢାଲି, ମାନସ ମଞ୍ଜରୀ ରାୟ, ସଂଜୟ ପତି, ନିର୍ମଳ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

ଗାଏମୋଟ୍ ଦେଖିଲେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଦୁଇ ସାଂଗଠନିକ ଜିଲ୍ଲା ଖୋର୍ଦ୍ଧା ଓ ଭୁବନେଶ୍ୱରର ନେତୃତ୍ୱ ନେଉଛନ୍ତି । ଏମିତିବି ସେ ବେଶ୍ ପାୱାରଫୁଲ୍ ନେତ୍ରୀ। ତେବେ ଅପରାଜିତାଙ୍କ ଗୋଷ୍ଠୀ ବନାମ ଅନ୍ୟମାନଙ୍କ ଭିତରେ ଏକ ଶୀତଳଯୁଦ୍ଧ ଚାଲିଛି। ଯାହାକି ଭୁବନେଶ୍ୱର ମହାନଗର ନିଗମ ନିର୍ବାଚନକୁ ପ୍ରଭାବିତ କରିବା ନିଶ୍ଚିତ । ଗତ ବିଏମସି ନିର୍ବାଚନରେ ଅପରାଜିତା ହିଁ ପ୍ରମୁଖ ଭୂମିକା ନେଇଥିଲେ । ସେ ହିଁ ମେୟର ପ୍ରାର୍ଥୀ ଦେଇଥିଲେ । ଅବଶ୍ୟ ସେତେବେଳେ ଦଳ ପାୱାରରେ ନଥିଲା । ଏବେ ଦଳ କ୍ଷମତାକୁ ଆସିଯାଇଛି । ତେଣୁ ଆଗାମୀ ଦିନରେ ବିଏମସି ରାଜନୀତି କେଉଁ ମୋଡ଼ ନେବ ତାହା ଉପରେ ହିଁ ସମସ୍ତଙ୍କ ନଜର ରହିଛି ।





# ଜୟଦେବରେ ଫଳକ କଳି

ଜୟଦେବରେ ଏବେ ବିଚିତ୍ର ରାଜନୀତିକ ସ୍ଥିତି ସୃଷ୍ଟିହୋଇଛି । ଅବଶ୍ୟ ସାଂସଦ ଅପରାଜିତା ଷଡ଼ଙ୍ଗୀ ବିଜେପିର ହୋଇଥିବାବେଳେ ବିଧାୟକ ନବକିଶୋର ମଲ୍ଲିକ ବିଜେଡ଼ିର। ସାଂସଦ ଓ ବିଧାୟକ ଭିନ୍ନଭିନ୍ନ ଦଳର ହୋଇଥିବାରୁ ରାଜନୀତିକ ପ୍ରତିଦ୍ୱନ୍ଦ୍ୱିତା ହେବା ସ୍ୱାଭାବିକ। କିନ୍ତୁ ସେଠାରେ ଏବେ ଫଳକ କଳି ଦେଖିବାକୁ ମିଳୁଛି। ଜୟଦେବ ନିର୍ବାଚନମଣ୍ଡଳୀରେ ହେଉଥିବା ଉନ୍ନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ ବେଳେ ବିଧାୟକଙ୍କ ଗୋଷ୍ଠୀ ସାଂସଦଙ୍କ ନାମ ରଖୁନାହାନ୍ତି । ଭିତ୍ତିପ୍ରସ୍ତରରେ ନବଙ୍କ ସମେତ ସ୍ଥାନୀୟ ନେତାଙ୍କ ନାମ ରହୁଛି । ଯେଉଁଥିପାଇଁ ସାଂସଦଙ୍କ ଗୋଷ୍ଠୀ ଫିଡ଼ିକି ଯାଇଛନ୍ତି । ଅପରପକ୍ଷରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଯେଉଁଠି ମୁଖ୍ୟଅତିଥି ହୋଇ ଶିଳାନ୍ୟାସ କରୁଛନ୍ତି ସେଠାରେ କିନ୍ତୁ ଫଳକରେ ବିଧାୟକଙ୍କ ନାମ ରହୁଛି । ସବୁଠାରୁ ମଜାର କଥା ହେଉଛି, ଗୋଟିଏ ପଟେ ସାଂସଦଙ୍କ ନାମ କାହିଁକି ଫଳକରେ ରହୁନାହିଁ ବୋଲି ବିଜେପି କାର୍ଯ୍ୟକର୍ତ୍ତା ପ୍ରଶ୍ନ କରୁଛନ୍ତି । ହେଲେ ସାଂସଦ ଶିଳାନ୍ୟାସ କରୁଥିବା ଫଳକରେ ତାଙ୍କ ନାମ କାହିଁକି ରହୁଛି ବୋଲି ଖୋଦ୍ ବିଧାୟକ ପ୍ରଶ୍ନ କରୁଛନ୍ତି । ତାଙ୍କର କହିବାର ମାନେ ହେଉଛି, ମୁଁ ଯୋଉଠିକି ଯିବି ସେଠି ଫଳକରେ ମୋ ନାଁ ରହିବ । ଯେଉଁଠିକୁ ସାଂସଦ ଯିବେ ସେଠି କେବଳ ସାଂସଦଙ୍କ ନାମ ହିଁ ରହୁ । ଯାହାକୁ ନେଇ ରୋଚକ ଚର୍ଚ୍ଚା ହେଉଛି ।

ODIA WEEKLY GARVIT ODIA



# ପ୍ୟାରୀଙ୍କ ବ୍ୟକ୍ତିତ୍ୱର ଅନାଲୋଚିତ ଦିଗ

**ଅକ୍ଷୟ କୁମାର ସାହୁ, ବରିଷ୍ଠ ସାମ୍ବାଦିକ**

ଅନେକ ତାଙ୍କୁ ଚାଣକ୍ୟ କହୁଥିଲାବେଳେ ସେ ପ୍ରଖ୍ୟାତ ଇଟାଲୀୟ ରାଜନୈତିକ ଦାର୍ଶନିକ ନିକୋଲୋ ମାକିଆଭେଲିଙ୍କ ପ୍ରଦତ୍ତ ତତ୍ତ୍ୱର ଜଣେ ଦୃଢ ବିଶ୍ୱାସୀ ଓ ପ୍ରୟୋଗକାରୀ ଥିଲା ଭଳି ଅଧିକ ପ୍ରତୀୟମାନ ହୁଏ।

ଓଡିଶା ରାଜନୀତିର ବହୁଚର୍ଚ୍ଚିତ ପ୍ରଶାସକ, ରାଜନୀତିଜ୍ଞ ତଥା ପୂର୍ବତନ ରାଜ୍ୟସଭା ସାଂସଦ ପ୍ୟାରୀମୋହନ ପ୍ରକୃତରେ ଥିଲେ କ'ଣ – ଚାଣକ୍ୟ ନା ଆଉ କିଛି ? ବିଭିନ୍ନ ଟେଲିଭିଜନ ସଞ୍ଚାଳକମାନଙ୍କ ଠାରୁ ଆରମ୍ଭ କରି ଖବରକାଗଜର ସାମ୍ବାଦିକମାନେ ତାଙ୍କୁ ଚାଣକ୍ୟ ବୋଲି ଅଭିହିତ କରୁଥିଲେ। ଅନେକ ମଧ ତାଙ୍କୁ ସମ୍ରାଟ୍ ଆକବରଙ୍କ ବିଶ୍ୱସ୍ତ ଅଭିଭାବକ ବୈରାମ ଖାଁଙ୍କ ସହିତ ମଧ ତୁଳନା କଲେ।

ଟେଲିଭିଜନରେ ଆଲୋଚନା ସମୟରେ ଅନେକ ବ୍ୟକ୍ତି ପ୍ୟାରୀମୋହନଙ୍କୁ ବିଜେଡିର ଜଣେ ପ୍ରତିଷ୍ଠାତା ସଭ୍ୟ ବୋଲି ଅଭିହିତ କରୁଥିଲେ। କିନ୍ତୁ ତାହା ସତ୍ୟ ଉପରେ ଆଧାରିତ ନୁହେଁ। ବିଜେଡି ଗଠନ ହୋଇଥିଲା ୧୯୯୭ ମସିହାରେ। ପରୋକ୍ଷ ଭାବରେ ପ୍ୟାରୀମୋହନଙ୍କ ବିଜେଡିରେ ପ୍ରବେଶ ହୁଏ ୨୦୦୦ ମସିହା ନିର୍ବାଚନ ସମୟରେ।

୧୯୯୮ ଓ ୧୯୯୯ ଲୋକସଭା ନିର୍ବାଚନରେ ବିଜେଡିର ସଫଳତା ପରେ ସେ ଦିଲ୍ଲୀରେ ବସବାସ କରୁଥିବା ନବୀନଙ୍କ ପରିବାର ସଦସ୍ୟମାନଙ୍କ ମାଧ୍ୟମରେ ନବୀନଙ୍କ ନିକଟତର ହୋଇଥିଲେ। ପ୍ୟାରୀ ବିଜୁଙ୍କର ଜଣେ ବିଶ୍ୱସ୍ତ ସହଯୋଗୀ ଥିଲେ ବୋଲି ନବୀନଙ୍କୁ ବୁଝାଇ ଦିଆଯାଇଥିଲା ଏବଂ ନବୀନ ଏହା ଠିକ୍ ରୂପେ ଗ୍ରହଣ କରିଥିଲେ।

ନିଜର କର୍ତ୍ତବ୍ୟ ବିଷୟରେ ବେଶ୍ ସଚେତନ ଥିବା ପ୍ୟାରୀ ଏହା ପରେ ନିଜର ଶିଷ୍ୟଙ୍କୁ ନିରଙ୍କୁଶ ଓ କଣ୍ଟକବିହୀନ ଶାସକଭାବେ ଗଢିତୋଳିବା ଲାଗି ଯାହା କରିବା କଥା ତାହା କରିଥିଲେ। ରାଜନୀତି ବିଜ୍ଞାନର ଜଣେ ବିଚକ୍ଷଣ ଛାତ୍ରଥିବା ପ୍ୟାରୀମୋହନ ଏଥିପାଇଁ ଚାଣକ୍ୟ ନୀତି ନଆପଣାଇ ପଞ୍ଚଦଶ ଶତାବ୍ଦୀର ପ୍ରସିଦ୍ଧ କୂଟନୀତିଜ୍ଞ ତଥା ଲେଖକ ନିକୋଲୋ ମାକିଆଭେଲିଙ୍କର ତତ୍ତ୍ୱ ଆପଣାଇଥିଲେ।

ମାକିଆଭେଲିଙ୍କ ତତ୍ତ୍ୱ ଅନୁସାରେ ନିଷ୍କଣ୍ଟକ ଓ ଅବାଧଭାବେ ଭାବେ ଶାସନ ପରିଚାଳନା କରିବା ଓ ଦେଶ ରକ୍ଷା ଲାଗି ଯଦି ଛଳନା, ପ୍ରତାରଣା ଓ କୂଟନୀତି ଆପଣା ଯାଇପାରେ, ତେବେ ସେଥିରେ ଅନୀତି ଓ ଅନୈତିକତା ବୋଲି କିଛି ନାହିଁ । ଏହା ରାଜନୀତି ବିଜ୍ଞାନର ବିଶେଷ ଉପାଦାନ ବୋଲି ସେ ଯୁକ୍ତି ବାଢିଥିଲେ। ଚାଣକ୍ୟ କିନ୍ତୁ ଏପରି ନୀତିର ବିରୋଧୀ ଥିଲେ। ତାଙ୍କ ମତରେ ବିଧିସମ୍ମତ ଚତୁରତା ଓ ସମାଜ-ସମ୍ମତ କୌଶଳ ତଥା କୂଟନୀତି ପ୍ରୟୋଗକରି ଶତ୍ରୁକୁ ନିପାତ କରିବା ଓ ଦେଶ ସୁରକ୍ଷା କରିବା ଆବଶ୍ୟକ।

୨୦୦୦ ମସିହାରେ ମାକିଆଭେଲି ତତ୍ତ୍ୱର ପ୍ରଥମ ପରୀକ୍ଷା ହୋଇଥିଲା ବିଜେଡି ଦଳର ପ୍ରକୃତ ପ୍ରାଣ ପ୍ରତିଷ୍ଠାତା ବିଜୟ ମହାପାତ୍ରଙ୍କ ଉପରେ। ଦଳ ଗଠନର ମୁଖ୍ୟ ସୂତ୍ରଧର ଏବଂ ବିଜେପି ସହିତ ମେଣ୍ଟ ଗଠନ ଓ ଆସନ ବୁଝାମଣାରେ ପ୍ରମୁଖ ଭୂମିକା ନିର୍ବାହ କରି ଦଳକୁ କଂଗ୍ରେସ ସହିତ ଲଢିବା ପାଇଁ ସମ୍ପୂର୍ଣ୍ଣ ଜାଗତିଆର କରିଥିବା ଶ୍ରୀ ମହାପାତ୍ରଙ୍କୁ ଠିକ୍ ନାମାଙ୍କନର ସ୍ୱଳ୍ପ ସମୟ ପୂର୍ବରୁ ବିଜେଡି ଟିକେଟ୍‌ରୁ ବଞ୍ଚିତ କରି ତାଙ୍କୁ ଏକ ଅନ୍ଧକାର ରାଜନୈତିକ ଭବିଷ୍ୟତକୁ ଠେଲି ଦିଆଗଲା । ସେ ଆଉ ନିର୍ବାଚନ ଲଢିବା ପାଇଁ ସୁଯୋଗ ପାଇଲେ ନାହିଁ ।

ସେତେବେଳେ ବିଜୟ ଥିଲେ ଓଡିଶା ରାଜନୀତିରେ ଏକ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ ତଥା ପ୍ରବଳ ପ୍ରଭାବଶାଳୀ ବ୍ୟକ୍ତି। ତାଙ୍କ ପ୍ରତି ନବୀନ ଏଭଳି ମାଷ୍ଟରଷ୍ଟ୍ରୋକ୍ ମାରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ନବୀନଙ୍କ ଭଳି ନରମ ଲୋକ ସତରେ କଣ ଦଳର ପ୍ରତିଷ୍ଠାତାଙ୍କ ଭଳି ଏପରି ପଦକ୍ଷେପ ନିଜେ ନେଲେ ବୋଲି ଆଲୋଚନା ହେଲା। ଚବିଶ ଘଣ୍ଟା ମଧରେ ଖବର ବ୍ୟାପିଗଲାଯେ, ନବୀନଙ୍କ ଏହି ମାଷ୍ଟରଷ୍ଟ୍ରୋକ୍ ପଛରେ ପ୍ୟାରୀମୋହନଙ୍କ ମସ୍ତିଷ୍କ କାର୍ଯ୍ୟ କରିଛି। ସେତେବେଳେ ଏ ସମ୍ପର୍କରେ ପ୍ୟାରୀ ପାଟି ଖୋଲିନଥିଲେ। ଜଣେ ଅବସରପ୍ରାପ୍ତ ସରକାରୀ ଅଫିସର ଯେମିତି ସାଧାସିଧା ଜୀବନ ବିତାନ୍ତି, ଅତି ଚତୁରତାର ସହିତ ସେମିତି ସେ ନିଜର ଜୀବନ ବିତାଉଥାନ୍ତି। ସଭାସମିତି ଠାରୁ ନିଜକୁ ଦୂରେଇ ରଖି ନିଜ ଘରେ ପ୍ରାୟ ସେ ସେମିତି ନିଜକୁ ସୀମିତ କରିରଖିଥାନ୍ତି। କିନ୍ତୁ ନିୟମିତ ଭାବେ ଟେଲିଫୋନରେ ନବୀନ ଓ ନବୀନ ନିବାସରେ ଥିବା କିଛି କର୍ମଚାରୀ ଓ କିଛି ବିଶ୍ୱସ୍ତ ରାଜନେତାଙ୍କ ମାଧ୍ୟମରେ ସେ ଶାସନ ସମ୍ପର୍କରେ ଖବର ରଖିବା ସହିତ ଧିରେଧିରେ ସେ ଦଳୀୟ ବ୍ୟାପାରରେ ପ୍ରବେଶ କରିବା ଆରମ୍ଭ କରିଦେଇଥିଲେ।

ବିଜୟଙ୍କ ପରେ ୨୦୦୧ରେ ମନ୍ତ୍ରୀମଣ୍ଡଳର ଦୁଇ ନମ୍ବର ମନ୍ତ୍ରୀ ତଥା ତାଙ୍କ ପିତାଙ୍କ ଏକାନ୍ତ ଅନୁଗତ ନଳିନୀ ମହାନ୍ତି, କମଳା ଦାସ ଓ ପ୍ରଶାନ୍ତ ନନ୍ଦଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କାର କରାଗଲା। ଏହିଭଳି କାର୍ଯ୍ୟ ସେମାନଙ୍କ ଉପରେ ଶୃଙ୍ଖଳାରେ ବଜ୍ରପାତ ଭଳି ଥିଲା। ପୁଣିଥରେ ନବୀନଙ୍କ ଏତାଦୃଶ ମାଷ୍ଟରଷ୍ଟ୍ରୋକ୍‌ରେ ସାରା ଓଡିଶା ଚମକି ପଡିଥିଲା। ସେତେବେଳେ ନବୀନଙ୍କ ଏକ ବର୍ଷର ମନ୍ତ୍ରୀମଣ୍ଡଳରେ ସେମିତି କିଛି ଆଖିଦୃଶିଆ କାମ ହୋଇନଥିଲା, ତେଣୁ ଦୁର୍ନୀତି ହେବାର ଆଶଙ୍କା ମଧ ଖୁବ୍ କମ୍ ଥିଲା । କିନ୍ତୁ ତିନି ଜଣଙ୍କ ଉପରେ 'ଦୁର୍ନୀତି ଛାୟା' ବା 'ସ୍ୟାଡୋ ଅଫ୍ କରପ୍‌ସନ' ଛିଟା ଲଗାଇ ସେମାନଙ୍କୁ ମନ୍ତ୍ରୀମଣ୍ଡଳରୁ ବିଦା କରାଗଲା।

ଏହି ପରିକଳ୍ପନା ପଛରେ ପ୍ୟାରୀଙ୍କର ହାତ ଥିବା ରାଜନୈତିକ ମହଲରେ ବେଶ୍ ଆଲୋଚନା ହେଲା। ଅବଶ୍ୟ ତାହା ନବୀନଙ୍କୁ ଜଣେ ସ୍ୱଚ୍ଛ ବ୍ୟକ୍ତିଭାବେ ଜନମାନସରେ ଉପସ୍ଥାପିତ କରିପାରିଥିଲା। ଏହାପରେ ପ୍ୟାରୀ ବେକାରୀ ବିରୋଧୀ ସମ୍ମିଳନୀ କରି ନବୀନ ସରକାର ବେକାରମାନଙ୍କ ସ୍ୱାର୍ଥ ସୁରକ୍ଷା ଲାଗି ବ୍ୟଗ୍ରବୋଲି ଏକ ବାର୍ତ୍ତା ଦେବାକୁ ଚେଷ୍ଟା କରିଥିଲେ।

ବିଜେଡିକୁ କ୍ୟାଡରଭୁକ୍ତ ଦଳ ଗଠନ ଲାଗି ଆହ୍ୱାନ କରିଥିବା ନବୀନ ସରକାର ଜରିଆରେ ସେ ମହିଳା ଓ ଶିଶୁ, ଶ୍ରମିକ, ଦଳିତ, ଆଦିବାସୀ, ସଂଖ୍ୟାଲଘୁ, ବରିଷ୍ଠ ନାଗରିକ ଓ ଛାତ୍ରଛାତ୍ରୀମାନଙ୍କ

ଗର୍ବିତ ଓଡିଆ ODIA WEEKLY GARVIT ODIA

ଲାଗି ଅନେକ ଯୋଜନାମାନ ପ୍ରଣୟନ କରି ରାଜ୍ୟର କୋଣ ଅନୁକୋଣରେ ଦଳର ସ୍ଥିତିକୁ ଦୃଢ କରିପାରିଥିଲେ ।

ଅନ୍ୟପକ୍ଷରେ ଦଳ ଓ ସରକାରରେ ଦାମଙ୍କ ଠାରୁ ଆରମ୍ଭ କରି ରାମକୃଷ୍ଣ ପଟ୍ଟନାୟକ, ଶରତ କର, କାଳନ୍ଦୀ ବେହେରା ଇତ୍ୟାଦି ପର୍ଯ୍ୟନ୍ତ ଜଣଙ୍କ ପରେ ଜଣେ ବରିଷ୍ଠ ନେତାଙ୍କୁ ସେମାନଙ୍କ ଧାର୍ଯ୍ୟ ଓଜନ ବା ନିଟ୍ ୱେଟ୍ ଠାରୁ କମ୍ ରଖି ସେ ଯୁବକମାନଙ୍କୁ ତୁଳନାତ୍ମକ ଭାବେ ଦଳ ଓ ସରକାରରେ ଗୁରୁଦାୟିତ୍ୱ ଦେଇ ଆଉ ଏକ ବାର୍ତ୍ତା ଦେବାକୁ ଚାହିଁଥିଲେ । ବାର୍ତ୍ତାଟି ହେଲାଯେ, ନବୀନଙ୍କୁ ଉଚ୍ଚାକାଂକ୍ଷୀ ବରିଷ୍ଠନେତାମାନଙ୍କ ଠାରୁ ଦୂରେଇ ରଖି ତାଙ୍କୁ ଅବାଧ ଶାସନର ସୁଯୋଗ ପ୍ରଦାନ କରିବା । ଏହାଛଡା ବିଜୁ ପଟ୍ଟନାୟକଙ୍କ ଭାବମୂର୍ତ୍ତି ବା ଇମେଜ୍‌ରୁ ନବୀନଙ୍କୁ ବାହାର କରି ତାଙ୍କର ସ୍ୱତନ୍ତ୍ର ଭାବମୂର୍ତ୍ତି ତିଆରି କରିବା । ଏଥିରେ ବି ସେ ସଫଳ ହୋଇଥିଲେ ।

ବିଜୟଙ୍କୁ ନବୀନଙ୍କ ପରମ ଶତ୍ରୁବୋଲି କହିଆସୁଥିବା ପ୍ୟାରୀ କେନ୍ଦ୍ରାପଡା ଜିଲ୍ଲାର ଏକ ବୈଠକରେ କହିଥିଲେଯେ, ସେ ବଞ୍ଚିଥିବା ପର୍ଯ୍ୟନ୍ତ ତାଙ୍କୁ ବିଧାନସଭାରେ ପ୍ରବେଶ କରାଇଦେବେ ନାହିଁ । ସେଥିପାଇଁ ସେ ନିଜର ବୁଦ୍ଧି ଲଗାଇ ବିଜୟଙ୍କ ଦ୍ୱାରା ଗଠିତ ଆଞ୍ଚଳିକ ଦଳ ଓଡିଶା ଗଣ ପରିଷଦକୁ ଦୁର୍ବଳ କରିବା ଓ ପରେ ସେ ଯୋଗ ଦେଇଥିବା ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନ୍‌ସିପିରୁ ତାଙ୍କୁ ଅଲଗା କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ।

କେବଳ ସେତିକି ନୁହେଁ ବିଜୟଙ୍କ ସହିତ ଅନେକ ଦିନ ପର୍ଯ୍ୟନ୍ତ ଏକାନ୍ତ ଅନୁଗତ ରହିଥିବା ଯୁବନେତା ସଂଜୟଦାସବର୍ମା, ବିଜୟ ମହାନ୍ତି (ବାଦଲ ମହାନ୍ତି) ଇତ୍ୟାଦିଙ୍କୁ ବିଜେଡିକୁ ଆଣି ସେ ତାଙ୍କର ଦୃଢତାକୁ ଢେର୍ ଆଘାତ ପହଞ୍ଚାଇଥିଲେ । ଏସବୁ କାର୍ଯ୍ୟ ଭାରତୀୟ ରାଜନୈତିକ ପରମ୍ପରାର ପରିପନ୍ଥୀ ଭଳି ପ୍ରତୀୟମାନ ହେଉଥିଲେ ହେଁ ମାକିଆଭେଲିଙ୍କୁ ଭଲଭାବରେ ବୁଝିଥିବା ଓ ଜାଣିଥିବା ପ୍ୟାରୀଙ୍କ ଲାଗି ଏହା ଥିଲା ସ୍ୱାଭାବିକ ରାଜନୈତିକ ପ୍ରକ୍ରିୟା ।

ପ୍ୟାରୀ ନିଜେ ଥିଲେ ଜଣେ ସଫଳ କମ୍ୟୁନିକେଟର ବା ବାର୍ତ୍ତା ସଂଚାରକ । ତାଙ୍କର ପ୍ରତ୍ୟେକ କାର୍ଯ୍ୟଶୈଳୀ ଠିକ୍ ବୋଲି ପ୍ରତିପାଦିତ କରିବା ଲାଗି ସେ ଉଭୟ ସରକାରୀ ସଂସ୍ଥା ଓ ନିଜର ଏକ ବିଶ୍ୱସ୍ତ କୋର ଗ୍ରୁପ୍‌ର ସେବା ଭରପୂର ଉପଯୋଗ କରୁଥିଲେ । କୋର ଗ୍ରୁପ୍ ମାଧ୍ୟମରେ ସେ କେଉଁ ନେତାକୁ କାହିଁକି ଦଳ ବା ସରକାରରୁ ବାହାର କରାଯାଉଥିଲା, ସେ ସମ୍ପର୍କରେ ସେ ସ୍ୱତନ୍ତ୍ର ଭାବରେ ପ୍ରସ୍ତୁତ ସମ୍ବାଦ ତିଆରି କରି ତାହାକୁ ସେ ଗଣମାଧ୍ୟମ ନିକଟରେ ପହଞ୍ଚାଇ ଦେଉଥିଲେ ।

ଆଗାମୀ ପିଢୀର ଗବେଷକମାନେ ଯେତେବେଳେ ବର୍ତ୍ତମାନର ଓଡିଶା ରାଜନୀତି ଗବେଷଣା କରିବେ ସେମାନେ ଜାଣିପାରିବେଯେ, ସେତେବେଳର ସମସ୍ତ ଖବରକାଗଜରେ ମନ୍ତ୍ରୀଙ୍କ ବହିଷ୍କାର ହେଉ ବା ବିଜେଡି ଦଳରୁ କାହାକୁ ବିଦା କରିବା ହେଉ, ସେ ନେଇ ଯେଉଁ ଖବର ପ୍ରକାଶ ପାଉଥିଲା, ତାହା ପୂରାପୂରି ଏକ ପ୍ରକାର ଥିଲା । ଏପରିକି ପ୍ରତ୍ୟେକ ଖବରକାଗଜର ଶବ୍ଦ ଓ ବାକ୍ୟ ଏକ ରହୁଥିଲା । ପ୍ୟାରୀମୋହନଙ୍କ ଭାଷାରେ ଖବରକାଗଜକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଢାଞ୍ଚାରେ ନିଜ ଢଙ୍ଗରେ ନିଜର ସୁବିଧା ପାଇଁ କିପରି ବ୍ୟବହାର କରିହେବ ତାହା ପ୍ରତ୍ୟେକ ରାଜନେତା ଜାଣିବା ଦରକାର । ତେଣୁ ତାଙ୍କ ଭଳି ଜଣେ ବରିଷ୍ଠ ପ୍ରଶାସକ ଓ ବିଦ୍ୱାନ ଲୋକ ରାଜନୀତିରେ ପ୍ରବେଶ କଲାପରେ ଏହି ନୀତିକୁ ଆପଣାଇବା ଲାଗି ଟିକିଏ ପଶ୍ଚାତ୍‌ପଦ ହୋଇନଥିଲେ ।

ପ୍ୟାରୀମୋହନ ନବୀନଙ୍କୁ ସୁରକ୍ଷା ଦେବା ଲାଗି ଆଉ ଏକ ଥିଓରି ବା ସିଦ୍ଧାନ୍ତ ଉପରେ ଢେର ବିଶ୍ୱାସ କରୁଥିଲେ । ତାହା ହେଲା "ମ୍ୟାରେଜ୍ ଅଫ କନଭିନିଏନ୍ସ" ବା ସୁବିଧା ଓ ସୁଯୋଗ ଅନୁସାରେ କାର୍ଯ୍ୟକରିବା । ଏହାର ଗୋଟିଏ, ଦୁଇଟିର ଉଦାହରଣ ଏଠାରେ ଦିଆଯାଇପାରେ ।

ନୟାଗଡର ଦୁର୍ଦ୍ଧର୍ଷ ନେତା ତଥା ବିଜୁ ପଟ୍ଟନାୟକଙ୍କ ଏକାନ୍ତ ସହଯୋଗୀ ଭାଗବତ ବେହେରାଙ୍କ ମୃତ୍ୟୁପରେ ନୟାଗଡ ଉପନିର୍ବାଚନରେ ତାଙ୍କ ପତ୍ନୀ ମନ୍ଦାକିନୀଙ୍କୁ ଥରେ ମାତ୍ର ଲଢିବାର ସୁଯୋଗ ଦେଇ ତାଙ୍କୁ ପରେ ସେଥିରୁ ବଞ୍ଚିତ କରାଯାଇଥିଲା । ତାଙ୍କ ସ୍ଥାନରେ ନିଜର ଅନୁଗତ ଅରୁଣ ସାହୁଙ୍କୁ ଟିକେଟ୍ ଦିଆଯାଇଥିଲା । ପାଟକୁରାରୁ ବିଜୟ ମହାପାତ୍ରଙ୍କ ସମର୍ଥନରେ ଲଢି ଜିତିଥିବା ତ୍ରିଲୋଚନ ବେହେରାଙ୍କୁ ଦଳକୁ

**୨୦୧୨ ମେ' ୨୯ ତାରିଖ ସଂଧ୍ୟାରେ ନବୀନଙ୍କ ଅନୁପସ୍ଥିତିରେ ପ୍ୟାରୀମୋହନଙ୍କ ଘରେ କିଛି ବିଧାୟକମାନଙ୍କର ଯେଉଁ ବୈଠକ ବସିଥିଲା, ତାହାକୁ କ୍ଷମତା ହଡପର ଷଡଯନ୍ତ୍ର ବୋଲି କୁହାଗଲା। ଏଥିପାଇଁ ନବୀନ ପ୍ୟାରୀଙ୍କୁ 'ବେଇମାନ' ଓ 'ବିଶ୍ୱାସଘାତକ' ବୋଲି କହିଲେ । ଏହି ଅପବାଦ ତାଙ୍କୁ ବେଶ୍ ବାଧିଥିଲା । ଏଥିରୁ ମୁକ୍ତି ପାଇବା ପାଇଁ ସେ ସୁଯୋଗ ଖୋଜୁଥିଲେ । କିନ୍ତୁ ଏହା ତାଙ୍କ ଭାଗ୍ୟରେ ଜୁଟି ନଥିଲା ।**



ଆଣିବା ପରେ ତାଙ୍କୁ ତା'ପରେ ଆଉ ବିଜେଡି ଟିକେଟ୍ ନଦେଇ ତାଙ୍କ ସ୍ଥାନରେ ଅତନୁଙ୍କୁ ପୁଣି ସୁଯୋଗ ଦେବା ପଛର ବିନ୍ଧାଣୀ ସେ ହିଁ ଥିଲେ । ସେତେବେଳେ ରାଜ୍ୟସରକାରଙ୍କ ବିରୋଧରେ ଶିକ୍ଷକମାନଙ୍କ ନେତା ଏକ ବିକ୍ରମ ବର୍ମା ବଡ ଧରଣର ଆନ୍ଦୋଳନ ଚଳାଇଥିଲେ । ତାଙ୍କୁ ଦଳକୁ ଆଣି ସେ ଶିକ୍ଷକ ସଂଗଠନକୁ ଦୁଇଫାଳ କରିବା ସହିତ ନବୀନ ସରକାରଙ୍କୁ ଅପଦସ୍ତ ହେବାରୁ ରକ୍ଷା କରିଥିଲେ । ବିକ୍ରମ ବର୍ମା ଥରେ ନିର୍ବାଚନ ଲଢିଲା ପରେ ତାଙ୍କୁ ଆଉ ଦ୍ୱିତୀୟ ସୁଯୋଗ ମିଳିଲା ନାହିଁ ।

ଇତିମଧ୍ୟରେ ଗୋଟିଏ ପରେ ଗୋଟିଏ ବରିଷ୍ଠ ନେତାଙ୍କୁ ଦଳରୁ ବିଦା କରି ସେ ନବୀନଙ୍କ ପାଇଁ ଏକ ଅନୁଗତ ଯୁବ ବାହିନୀ ଗଠନ କରିସାରିଥିଲେ ।

୨୦୦୯ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଯେତେବେଳେ ବିଜେଡି-ବିଜେପି ମେଣ୍ଟ ଜନପ୍ରିୟତାରେ ଶୀର୍ଷରେ ଥିଲା, ସେହି ସମୟରେ ନବୀନ ଏକ ପାଖିଆ ଭାବେ ମେଣ୍ଟ ଭାଙ୍ଗି ଦେଇ ଆଉ ଏକ ମାଷ୍ଟରଷ୍ଟ୍ରୋକ୍ ଖେଳିଥିଲେ ।

୨୦୧୨ ମେ ମାସ ୨୯ ତାରିଖ ସଂଧ୍ୟାରେ ତାଙ୍କ ଘରେ ନବୀନଙ୍କ ଅନୁପସ୍ଥିତିରେ କିଛି ବିଧାୟକମାନଙ୍କର ଯେଉଁ ବୈଠକ ବସିଥିଲା, ତାହାକୁ କ୍ଷମତା ହଡପର ଷଡଯନ୍ତ୍ର ବୋଲି କୁହାଗଲା । ଏଥିପାଇଁ ନବୀନ ପ୍ୟାରୀଙ୍କୁ "ବେଇମାନ" ଓ "ବିଶ୍ୱାସଘାତକ" ବୋଲି କହିଲେ । ଏହି ଅପବାଦ ତାଙ୍କୁ ବେଶ୍ ବାଧିଥିଲା । ଏଥିରୁ ମୁକ୍ତି ପାଇବା ପାଇଁ ସେ ସୁଯୋଗ ଖୋଜୁଥିଲେ । କିନ୍ତୁ ଏହା ତାଙ୍କ ଭାଗ୍ୟରେ ଜୁଟି ନଥିଲା ।

ମେ' ୩୦ ତାରିଖ ୨୦୧୨ ଦିନ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ୟାରୀ ନିଜକୁ "ମୁଁ ନିର୍ବୋଧ ଢେଙ୍କାନାଳିଆ" ବୋଲି କହି ନବୀନଙ୍କୁ ଘେରିରହିଥିବା କିଛି ଚକ୍ରାନ୍ତକାରୀଙ୍କ ଜାଲରେ ସେ ନିଜେ ଫସିଯାଇଥିବା ସଫେଇ ଦେଇଥିଲେ । କିଛି ଚକ୍ରାନ୍ତକାରୀ ତାଙ୍କୁ ଦଳୀୟ ଓ ସରକାରୀ କାର୍ଯ୍ୟ କିପରି ଚାଲିଛି ବୋଲି ସେ ନେଇ ବିଧାୟକମାନଙ୍କ ଏକ ବୈଠକ ଡାକିବା ପାଇଁ କହିଥିଲେ । ସେହିମାନଙ୍କ କଥାରେ ସେ ସେଦିନ ବୈଠକ ଡାକିଥିଲେ । କିନ୍ତୁ ସେହିମାନଙ୍କ ମଧ୍ୟରୁ ଦୁଇ ଜଣ – ଜଣେ ଡେଙ୍ଗା ଓ ଜଣେ ଗେଡା – ଏହି ଷଡଯନ୍ତ୍ରର ମୁଖ୍ୟ ଯୋଗସୂତ୍ରକାରୀ ବୋଲି ପ୍ୟାରୀ ସେତେବେଳେ ସ୍ୱସ୍ତି ପ୍ରମିୟମ ହୋଟେଲ ଠାରେ ଅନୁଷ୍ଠିତ ଏକ ପ୍ରେସ୍ କନଫରେନ୍ସରେ କହିଥିଲେ । ଡେଙ୍ଗାକୁ କିଛିମାତ୍ରାରେ ବିଶ୍ୱାସ କରାଯାଇପାରେ, କିନ୍ତୁ ଗେଡାକୁ ଆଦୌ ନୁହେଁ ବୋଲି ସେ କହିଥିଲେ ।

ଅନେକ ବ୍ୟକ୍ତି ପ୍ୟାରୀମୋହନଙ୍କୁ ରାଜ୍ୟରେ ଅମଲାମାନଙ୍କୁ କ୍ଷମତାଶାଳୀ କରିବାର ଅପବାଦ ଦେଇଥାନ୍ତି । ଯେତେବେଳେ ନିର୍ବାଚିତ ଶାସନମୁଖ୍ୟ ନିଜ କ୍ଷମତାର ଉପଯୋଗ କରିବାରେ ବ୍ୟର୍ଥ ହୁଅନ୍ତି, ସେତେବେଳେ ଅମଲାମାନେ ଶକ୍ତି ହରଣ ଓ ଆହରଣ କରନ୍ତି । ଅତୀତରେ ବିଜୁ ପଟ୍ଟନାୟକ ସରକାରରେ ପ୍ରମୁଖ ଶାସନ ସଚିବ ଥିବା ବେଳେ ପ୍ୟାରୀମୋହନ ଏହା ଠିକ୍ ବୁଝିଥିଲେ । ସେଇଥିପାଇଁ ଅନେକ ଦିନ ପର୍ଯ୍ୟନ୍ତ ସେ ଅମଲାମାନଙ୍କ ଉପରେ ନିଜେ ଅଙ୍କୁଶ ହୋଇ ରହିଥିଲେ ।

ଯେତେବେଳେ କିଛି ପ୍ରଭାବଶାଳୀ ଅମଲା ତାଙ୍କର ଏହି କାର୍ଯ୍ୟ ନେଇ ଅସନ୍ତୋଷ ପ୍ରକାଶ କଲେ ଓ ତାଙ୍କ ବିରୋଧୀମାନଙ୍କ ସହିତ ହାତ ମିଳାଇଲେ, ସେତେବେଳେ ନବୀନ ଓ ତାଙ୍କ ମଧ୍ୟରେ କେବଳ ଦ୍ୱନ୍ଦ ଓ ବ୍ୟବଧାନ ଜନ୍ମ ନେଲା ନାହିଁ, ଅବିଶ୍ୱାସର ଝଡ ବହିବାକୁ ଲାଗିଲା ।

କୁହାଯାଏ, - "ପ୍ରାଣୀର ଭଲ ମନ୍ଦ ବାଣୀ, ମରଣ କାଳେ ତାହା ଜାଣି ।" ତାଙ୍କ ମୃତ୍ୟୁପରେ ଅନେକ ନେତା ଭିନ୍ନଭିନ୍ନ ଢଙ୍ଗରେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । କିନ୍ତୁ ସେ ଜୀବଦଶାରେ ଯାହାକୁ ତାଙ୍କର ପରମ ରାଜନୈତିକ ଶତ୍ରୁ ଭାବୁଥିଲେ, ସେହି ବିଜୟ ମହାପାତ୍ର ବୋଧହୁଏ ତାଙ୍କ ପ୍ରତି ଦେଇଥିଲେ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ।

ବିଜୟ କହିଥିଲେ, - "ଜଣେ ବ୍ୟକ୍ତିର ମୃତ୍ୟପରେ ତାର ଭଲଗୁଣକୁ ସ୍ମରଣ କରାଯାଏ । ପ୍ୟାରୀଥିଲେ ଜଣେ ଦକ୍ଷ ସଙ୍ଗଠକ, ସ୍ଥିତପ୍ରଜ୍ଞ ଓ ବିଚକ୍ଷଣ ରାଜନୀତିଜ୍ଞ । ବିଜେଡି ଗଠନ ହେଲା ପରେ ଏହି ଦଳକୁ ସୁଦୃଢ କରିବାରେ ତାଙ୍କର ସର୍ବାଧିକ ଯୋଗଦାନ ରହିଛି ଏହାକୁ ଯେ କେହି ସ୍ୱୀକାର କରିବ । ତାଙ୍କର ପ୍ରଶାସନିକ ଦକ୍ଷତା ଥିଲା ଅନନ୍ୟ ।"

**ରାଜ୍ୟ ପ୍ରତିନିଧି, ଦି ଏସିଆନ୍ ଏଜ୍-ଡେକାନ୍ କ୍ରୋନିକଲ୍**
**ଫୋନ୍ - ୯୪୩୯୧୭୬୮୩୬**

# ଜାତି ଗଲା, ହେଲେ ପେଟ ପୂରିଲାନି

## ସମୀର ଦାଶ ବିଜେପି ଛାଡ଼ିବେ ନା ବିଦା ହେବେ ?



ନିମାପଡ଼ା ବିଜେପି ରାଜନୀତି ଏବେ ଜମାଣିଆ ହେବାରେ ଲାଗିଛି । ଗୋଟିଏ ପଟେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଆରପଟେ ନିମାପଡ଼ାର ହେଭିୱେଟ୍ ନେତା ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ । ୨୦୨୪ରେ ବିଜେଡ଼ି ଟିକେଟ ଦେଲାନି ବୋଲି ସମୀର ବାବୁ ରାଗ ଶାନ୍ତ କରିବା ପାଇଁ ପଦ୍ମ ପୋଖରୀରେ ବୁଡ଼ ପକାଇଲେ । ସେହି ସମୟରେ ସମୀରଙ୍କୁ ଦଳରେ ନେବା ପାଇଁ ପ୍ରଭାତୀଙ୍କ ସମେତ ନିମାପଡ଼ାର ଅନେକ ବିଜେପି ନେତା ଅରାଜି ଥିଲେ । ହେଲେ ଗୋଟିଏ ପଟେ ଦଳୀୟ ନିଷ୍ପତ୍ତି, ଆଉ ସେପଟେ ବିଜୟକୁ ସୁନିଶ୍ଚିତ କରିବା ପାଇଁ ପ୍ରଭାତୀ ବି ବୋପାରାଣ ଢିଙ୍କି ଗିଳ ନ୍ୟାୟରେ ସମୀରଙ୍କୁ ଆଦରି ନେଇଥିଲେ। ପ୍ରଭାତୀ ବି ପ୍ରଥମ ଥର ପାଇଁ ନିର୍ବାଚନୀ ରାଜନୀତିରେ ସଫଳ ହେଲେ। ୨୦୨୪ ହେଉଛି ପ୍ରଭାତୀଙ୍କ କୋଟି ତପସ୍ୟାର ଫଳପ୍ରାପ୍ତିର ବର୍ଷ। ପ୍ରଥମ ଥର ବିଧାୟିକା ହେବା ସହ ଉପମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ପାଇଲେ। ସେବେଠାରୁ ସମୀରଙ୍କ ମନଦୁଃଖ। ପ୍ରଭାତୀଙ୍କ ପ୍ରଭା ଆଗରେ ସମୀର ପୂରା ଅସ୍ତବ୍ୟସ୍ତ ହୋଇଗଲା। ସତେଯେମିତି ନିମାପଡ଼ା ରାଜନୀତିରେ ଓଲଟ ସମୀର ବହିବା ଆରମ୍ଭ କଲା। ପ୍ରଭାତୀ ଆଉ ବି ବାସି ପାଣିରେ ସମୀରଙ୍କୁ ପଚାରିଲେନି। ତାଙ୍କ ବିଜୟ ପଛରେ ସମୀରଙ୍କର ଯୋଗଦାନ ରହିଥିଲେବି ଆଗ ସମୀର କଣ୍ଟା ହଟାଇବାକୁ ଉଦ୍ୟମ ଆରମ୍ଭ କରିଦେଲେ ପ୍ରଭାତୀ। ସେପଟେ ସମୀର ବାବୁ ଧିରେ ସୁସ୍ଥେ ଗୋଟି ଚଳାଉଥିଲେ। ଭାବିଥିଲେ ବିଜେପି କିଛି ପଦପଦବୀ କି ନିଗମଟେ ଦେଇ ତାଙ୍କର ସମ୍ମାନ ରକ୍ଷା କରିବ। କିନ୍ତୁ ତାଙ୍କୁ କେବଳ ମୁଖପାତ୍ରଟେ କରିଦେଇ ପାଇଟି ସାରିଦେଲା ବିଜେପି। ସମୀରଙ୍କ ପ୍ରଭାବ ହାନି କରିବାକୁ ପ୍ରଭାତୀ ବି ଭୁବନେଶ୍ୱରରେ ରହି ଗୋଟିଚଳାଇ ସଫଳ ହୋଇଥିଲେ। ପ୍ରଭାତୀଙ୍କ ପାୱାର ପାଇଁ ନିମାପଡ଼ାର ଅନେକ ନେତା ତାଙ୍କ ସହ ଯୋଡ଼ି ହୋଇଯିବା ସ୍ୱାଭାବିକ। ସମୀରଙ୍କ ଖାସ୍ ଅନୁଗତଙ୍କୁ ପ୍ରଭାତୀ ବିଜେପି ରାଜନୀତିରୁ ସାଇଡ୍ କରିଦେଇ ନିଜ ଟିମକୁ ମଜବୁତ କରିବାରେ ଲାଗିଛନ୍ତି । ଶେଷରେ ବାଧହୋଇ ସମୀର ଯୁଦ୍ଧଂଦେହୀ ଡାକରା ଦେଇଛନ୍ତି । ଏବେ ସେ ମଧ୍ୟ କର୍ମୀମାନଙ୍କର ଅଭିଯୋଗ ଶୁଣାଣୀ କରିବେ ବୋଲି ଘୋଷଣା କରିବା ସହ ପ୍ରଭାତୀଙ୍କ ନାଁ ନନେଇ ବୁଲେଇ ବାଙ୍କେଇ ସମାଲୋଚନା କରୁଛନ୍ତି। ନିମାପଡ଼ାର ଏମିତି ରାଜନୀତି ଦେଖି ଲୋକେ କହିଲେଣି, ଭାଇନାଙ୍କ ଜାତି ଗଲା ସିନା ହେଲେ ପେଟ ପୂରିଲାନି । ସେପଟେ ପ୍ରଭାତୀଙ୍କ ଇଙ୍ଗିତରେ ସମୀରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଧମକ ଦେଇଛନ୍ତି ଜିଲ୍ଲା ବିଜେପି ସଭାପତି ଦେବେନ୍ଦ୍ର ତରାଇ । ପ୍ରଭାତୀଙ୍କ ପାଖରେ କ୍ଷମତା ଥିବାରୁ ସମୀରଙ୍କୁ ଦଳରୁ ବିଦା କରିଦେବା ତାଙ୍କ ପାଇଁ ବଡ଼ କଥା ନୁହେଁ । ହେଲେ ସ୍ୱାଭିମାନୀ ସମୀର ଭାଇନା ବେଳ ଥାଉଥାଉ ନିଜ ଆଡୁ ବିଜେପି ଛାଡ଼ିବେ ନା ଅସମ୍ମାନୀତ ହୋଇ ବିଜେପିରୁ ବିଦା ହେବେ ତାହାକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି ।

ଗର୍ବିତ ଓଡ଼ିଆ
ODIA WEEKLY • GARVIT ODIA



## ବବିଙ୍କ ଲୁଲୁ ଫଣ୍ଡା

ଲୁଲୁ ମହାପାତ୍ର। ଏକଦା ସେ ଥିଲେ ରାଜ୍ୟ ରାଜନୀତିର ଚର୍ଚ୍ଚିତ ଚେହେରା। ସାରା ରାଜ୍ୟରେ ତାଙ୍କର ସଂଗଠନ ବ୍ୟାପ୍ତ ଥିଲା। ସେ ବିଧାୟକ ଥାଆନ୍ତୁ ବା ନଥାଆନ୍ତୁ, ବ୍ରହ୍ମଗିରିରେ ତାଙ୍କ କଥା ହିଁ ରହୁଥିଲା। ସେ ପିସିସି ସଭାପତି ହୋଇନଥିଲେବି ଅନେକ ତାଙ୍କୁ ହିଁ ନେତା ବୋଲି ମାନୁଥିଲେ। ହାରିକି ପଛେ ଭୁବନେଶ୍ୱରରେ ବସିଲେ, କେବେବି ରାଜ୍ୟସଭା ଯିବାକୁ ଚାହିଁନଥିଲେ। ଯେତେବେଳେକି ଅଧିକାଂଶ ବିଧାୟକ ବି ଲୁଲୁଙ୍କର ଦୃଢ଼ ସମର୍ଥକ ଥିଲେ। ସେ ଭଲଭାବେ ଜାଣିଥିଲେ, ଦିଲ୍ଲୀ ମୁହାଁ ହେଲେ ରାଜ୍ୟ ରାଜନୀତିରେ ପତିଆରା କମିଯିବ।

ଠିକ୍ ସେମିତି ବବି ଦାସ ଲୁଲୁଙ୍କ ଫଣ୍ଡା ଧରିଛନ୍ତି । ଏବେ ସେ ବିଧାୟକ ନାହାନ୍ତି, ହେଲେ ଯାଜପୁର ବିଧାୟିକାଙ୍କ ଠାରୁ ବି ବେଶ୍ ପାୱାରଫୁଲ୍। କାହିଁକିନା ଯାଜପୁର ବିଧାୟିକା ବବି ଦାସଙ୍କ ନାଁରେ ହିଁ ନିର୍ବାଚନ ଜିଣିଛନ୍ତି। ସେହିପରି ବବି ଦାସ ଚାହିଁଲେ ରାଜ୍ୟସଭା ଯାଇପାରିବେ। ହେଲେ ସେ ଚାହୁଁନାହାନ୍ତି। କାହିଁକିନା ଦିଲ୍ଲୀ ରାଜନୀତିକୁ ଗଲେ ଆଞ୍ଚଳିକ ଦଳରେ ସେମିତି କିଛି ଫାଇଦା ହିଁ ନାହିଁ। କେତେକ ବିଧାୟକ ବବିଙ୍କୁ ରାଜ୍ୟସଭା ଯିବା ପାଇଁ ପ୍ରବର୍ତ୍ତାଉଥିଲେବି ସେ ସେଥିରେ ରାଜି ନାହାନ୍ତି। ଗଣମାଧ୍ୟମରେ ବବି ରାଜ୍ୟସଭା ଯିବେ ବୋଲି ଯେଉଁ ଚର୍ଚ୍ଚା ହେଉଛି ତାହା ଭିତ୍ତିହୀନ ବୋଲି ବବିଙ୍କ କଟ୍ଟର ସମର୍ଥକମାନେ ଆମ ପ୍ରତିନିଧିଙ୍କୁ କହିଛନ୍ତି । ଲୁଲୁଙ୍କ ଫଣ୍ଡାରେ ସେ ବିନା ପାୱାରରେ ପାୱାରଫୁଲ୍ ରହିବାକୁ ଚାହୁଁଛନ୍ତି। ତେବେ ବବିଙ୍କ ଲୁଲୁ ଫଣ୍ଡା ତାଙ୍କୁ କେତେ ମଜବୁତ୍ କରିବ ତାହା ସମୟ ହିଁ କହିବ।

# ଚତୁର୍ଥ ପ୍ରାର୍ଥୀ କିଏ ? ଦିଲ୍ଲୀପ ନା ସୁଜାତା

ରାଜ୍ୟସଭା ନିର୍ବାଚନ ପାଇଁ ଏବେ ରାଜ୍ୟ ରାଜନୀତି ସରଗରମ ହୋଇଗଲାଣି। ସଂଖ୍ୟା ଗଣିତ କହୁଛି ବିଜେପି ଦୁଇଟି ଓ ବିଜେଡ଼ି ଗୋଟିଏ ଆସନ ପାଇବ । ହେଲେ ଚତୁର୍ଥ ଆସନଟି କାହାର ? ଏକାକୀ ଚତୁର୍ଥ ଆସନ ଜିତାଇବା ପାଇଁ କାହାର ବି ଦମ୍ ନାହିଁ । ବିଧାୟକଙ୍କ ଅଙ୍କ ଦେଖିଲେ ବିଜେପି ଓ ବିଜେଡ଼ି ମିଶିଲେ ସେମାନଙ୍କ ବଳକା ଭୋଟ୍‌ରେ ଚତୁର୍ଥ ପ୍ରାର୍ଥୀ ଜିତିପାରିବେ । ନଚେତ୍ ବିଜେଡ଼ିର ବଳକା ଭୋଟ୍ ଓ କଂଗ୍ରେସ ବିଧାୟକଙ୍କ ଭୋଟ୍ ମିଶିଲେ ଆଉ ଜଣେ ପ୍ରାର୍ଥୀ ଜିତିପାରିବେ ।





ଏଭଳି କ୍ଷେତ୍ରରେ ରାଜନୀତିକ ଅଳିନ୍ଦରେ ଦୁଇ ଜଣଙ୍କ ନାମକୁ ନେଇ ଚର୍ଚ୍ଚା ହେଉଛି। ଜଣେ ହେଉଛନ୍ତି ଦିଲ୍ଲୀପ ରାୟ ଓ ଆଉ ଜଣେ ହେଉଛନ୍ତି ସୁଜାତା କାର୍ତ୍ତିକେୟନ୍ । ଦିଲ୍ଲୀପ ଏବେ ବିଜେପିରେ ଥିବାବେଳେ ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ଭଲ ବ୍ୟକ୍ତିଗତ ସମ୍ପର୍କ ରହିଛି । ଯଦି ଦିଲ୍ଲୀପଙ୍କୁ ବିଜେପି ପ୍ରାର୍ଥୀ କରେ ତେବେ ନବୀନ ବାବୁ ବି ତାଙ୍କୁ ସମର୍ଥନ ଦେବାରେ କୁଣ୍ଠିତ ହେବେନାହିଁ । କାହିଁକିନା ବିଜେଡ଼ିର ପ୍ରତିଷ୍ଠାତା ସଦସ୍ୟ ଥିବା ଦିଲ୍ଲୀପଙ୍କର ଋଣ ଶୁଝିବା ବି ବାକି ରହିଛି । ୨୦୦୨ ଭଳି ଏକ ସ୍ଥିତି ବି ରହିଛି । ସେହି ସମୟରେ କଂଗ୍ରେସ, ବିଜେଡ଼ି ଓ ବିଜେପି ସଭ୍ୟଙ୍କ ସମର୍ଥନରେ ଦିଲ୍ଲୀପ ସ୍ୱାଧୀନ ଭାବେ ବାଜିମାତ୍ କରିଥିଲେ । ତେଣୁ ଦିଲ୍ଲୀପଙ୍କ ରଣନୀତି ଉପରେ ସମସ୍ତଙ୍କ ନଜର ରହିବା ସ୍ୱାଭାବିକ ।

ଏସବୁ ଭିତରେ ସୁଜାତା କାର୍ତ୍ତିକେୟନଙ୍କୁ ନେଇ ବି ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ସୁଜାତା ବି ରାଜ୍ୟସଭା ରେସ୍‌ରେ ଅଛନ୍ତି। ଦଳର କିଛି ନେତା ଏନେଇ ଉଦ୍ୟମ ଆରମ୍ଭ କରିଛନ୍ତି। ସୁଜାତା ଯଦି ବିଜେଡ଼ିର ପ୍ରଥମ ପ୍ରାର୍ଥୀ ହୁଅନ୍ତି ତେବେ ପୁଣି ଦଳରେ ପାଣ୍ଡିଆନଙ୍କୁ ନେଇ ଇସ୍ୟୁ ହେବ। ଦଳରେ ଗୋଷ୍ଠୀକନ୍ଦଳ ତୀବ୍ର ହେବାର ଆଶଙ୍କା ବି ରହିଛି । କିନ୍ତୁ ସୁଜାତା ଯଦି ଚତୁର୍ଥ ପ୍ରାର୍ଥୀ ହୁଅନ୍ତି ତେବେ ସାରା ରାଜ୍ୟରେ ଚର୍ଚ୍ଚାରେ ରହିବେ। ବିଶେଷକରି ବିଜେଡ଼ିକୁ ହାତମୁଠାରେ ରଖିବାର ସବୁ ବାଟ ଖୋଲିଯିବ। ଅତୀତରେ ପାଣ୍ଡିଆନ-ନବୀନଙ୍କ ସହ ଭିତିରିଆ ବୁଝାମଣା କରି ଅଶ୍ୱିନୀ ବୈଷ୍ଣବ ଦୁଇ ଦୁଇଥର ରାଜ୍ୟସଭାକୁ ଯାଇଛନ୍ତି। ଏବେ ଅଶ୍ୱିନୀ-ପାଣ୍ଡିଆନ୍ ଯଦି ସୁଜାତାଙ୍କୁ ବିଜେଡ଼ି ପକ୍ଷରୁ ଚତୁର୍ଥ ପ୍ରାର୍ଥୀ କରିପାରନ୍ତି ତେବେ ଉଭୟ ଦଳର ଭୋଟରେ ସୁଜାତା ଜିତିଯିବେ। ବିଜେଡ଼ିରେ ମଧ୍ୟ ଉଭୟ ସ୍ୱାମୀ ସ୍ତ୍ରୀଙ୍କ ଦବଦବା ବଢ଼ିଯିବ। ଏହା ସୁଜାତାଙ୍କ ବିଜେଡ଼ିକୁ ଗ୍ରାଣ୍ଡଏଣ୍ଟ୍ରିର ଏକ ବଡ଼ ସୁଯୋଗ କହିଲେ ଭୁଲ୍ ହେବନାହିଁ ।

ଗର୍ବିତ ଓଡ଼ିଆ GARVIT ODIA

**ଚୋପାଛଡ଼ା ଚର୍ଚ୍ଚା**

## ମନ୍ତ୍ରୀଙ୍କ ଘରେ ରୋଷେଇ ମନା...

ଭାବିଲେ ଦେଖି ଆପଣ କୌଣସି ବାରରେ ବସିଥିବେ। ଗୋଟେ ଗୋଟେ ପେଗ ମଦ ବି ପିଆ ସରିଥିବ। କିନ୍ତୁ ଚାଖେଣା ଆସୁନଥିବ। ୱେଟରକୁ ଖୋଜିଲା ବେଳକୁ ବି ତାଙ୍କର ଦେଖାନଥିବ । ଭୁବନେଶ୍ୱର ପାନ୍ଥ ନିବାସରେ ଏବେ ଏମିତି ଅବସ୍ଥା। ସରକାରୀ ସଂସ୍ଥା, ତେଣୁ ଅନ୍ୟ ବାର ଅପେକ୍ଷା ମଦ ଦାମ ଟିକିଏ କମ। ପାଖରେ ପାୱାରଫୁଲ ଭୁବନେଶ୍ୱର ଜୁଡ଼ିଶିଆଲ କମ୍ପ୍ଲେକ୍ସ। ସେଥିପାଇଁ ନାମୀଦାମୀ ଓକିଲଙ୍କ ଗହଳିଚହଳି ବି ଲାଗେ। ଆଗରୁ ସବୁ କିଛି ଠିକ୍ ଚାଲିଥିଲା। ହେଲେ ଏବେ ବର୍ଷେ ହେବ ମଦ ଆଉ ଚାଖେଣା ଯେମିତି ସଉତୁଣୀ ପରି କେହି କାହା ମୁହଁ ଚାହୁଁ ନାହାନ୍ତି। ସନ୍ଧ୍ୟା ହେଲେ ସବୁ ଷ୍ଟାଫ ଅଲଗା କାମରେ ବିଜି। ନ ଭଜା ଛ ତିଅଣ ତିଆରି ଚାଲିଛି । ତାକୁ ପୁଣି ସୁନ୍ଦରିଆ ଭାବେ ପ୍ୟାକିଂ କରି ସମୟ ଅନୁସାରେ ପଠାଇବାର ଅଛି। ଏମିତି ତ ସରକାରୀ ସଂସ୍ଥାରେ କର୍ମଚାରୀ ସବୁ ଢିଲା। ଆଗରୁ ଗୋଟିଏ ଫର୍ମାଟ ରେ ଚାଲି ଆସିଥିଲେ। ଏବେ ଏ ରାଜକୀୟ ଖାନା ତିଆରି ଟେନସନ୍ ତାଙ୍କ ପାଇଁ କାଳ ସାଜିଲାଣି। ବଡ଼ିଚୁରାଠୁ ଆରମ୍ଭ କରି ବିରାୟାନି। ପୁଣି ଛଙ୍କାପୁରିଠୁ ଆରମ୍ଭ କରି ଛେନାପୋଡ଼। ବାର ଦେଖି ଦେଶୀ ମାଉଁସ ଟିକିଏ ନହେଲେ ନଚଳେ। ନାଁ ଶୁଣିନଥିବା ମାଛକୁ ନୂଆ ପ୍ରଣାଳୀରେ ରନ୍ଧା ହେଉଛି। ବୁଝୁ ବୁଝୁ କ'ଣ ନା ମୁଖ୍ୟମନ୍ତ୍ରୀଙ୍କ ଘରେ ଆଉ ରୋଷେଇ ହେଉନି। ତାଙ୍କ ମିଟିଂ ଯେଉଁଠି ଇଟିଂ ବି ସେଇଠି। ଏମିତି ତ ମୋହନ ଆଜ୍ଞା ଆମର ଟିକିଏ ଖାଦ୍ୟ ପ୍ରିୟ। ମୁଖିଆଙ୍କ ଏ ଆଦବ କାଇଦା ଦେଖି ଆଉ କିଛି ମନ୍ତ୍ରୀ ବି ଏଇଠୁ ଖାଦ୍ୟ ନେଇ ଜିଭ ସୁଆଦ କରୁଛନ୍ତି। ଷ୍ଟିଲ ଆଉ ପିତ୍ତଳ ଡିସ୍‌ରେ ବିଭିନ୍ନ ପ୍ରକାର ଖାଦ୍ୟ ଅଟୋରେ ଲୋଡ କରି ଫି ଦିନ ବୁହାଯାଉଛି। ତେଣୁ ପାନ୍ଥ ନିବାସ ଆଉ ସେଠିକାର କର୍ମଚାରୀ ଏବେ ଚଳଚଞ୍ଚଳ। ବିଚରା ବାହାର ଗରାଖଙ୍କ କଥା ବୁଝୁଛି କିଏ ? ଆପେ ବଞ୍ଚିଲେ ବାପର ନାଆଁ। କେତେ ଜନ୍ମର ପୁଣ୍ୟ ପରେ ମିଳିଥିବା ସରକାରୀ ଚାକିରୀକୁ ହାତଛଡ଼ା କରିବାକୁ କିଏ ଚାହିଁବ କହିଲ ।

## ବିଜେପିମୁହାଁ ରବୀନ୍ଦ୍ର !



ବାଲେଶ୍ୱର ରାଜନୀତିରେ ବଡ଼ ଧରଣର ହଟଚମଟ ସୃଷ୍ଟିହେବ ବୋଲି ଗଳିକନ୍ଦିରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏକଦା ବାଲେଶ୍ୱରର ଟାଣୁଆ ନେତା ଥିଲେ ରବୀନ୍ଦ୍ର ଜେନା । ଗଲାଥର ତାଙ୍କୁ ଦଳ ଟିକେଟ୍ ନଦେଇ ବିଜେପିରୁ ଆମଦାନୀ ହୋଇଥିବା ଲେଖାଶ୍ରୀ ସାମନ୍ତସିଂହରାୟଙ୍କୁ ଟିକେଟ୍ ଦେଇଦେଲେ। ରବୀନ୍ଦ୍ରଙ୍କ ପତ୍ନୀ ସୁବାସିନୀ ବସ୍ତାର ବିଧାୟକ ଥିଲେବି ରବୀନ୍ଦ୍ର କିନ୍ତୁ ସନ୍ତୁଷ୍ଟ ନୁହଁନ୍ତି । ମୟୂରଭଞ୍ଜରେ ଯଦି ସୁଦାମ ମାରାଣ୍ଡି ଆଉ ତାଙ୍କ ପତ୍ନୀଙ୍କୁ ଟିକେଟ ମିଳିଲା ତେବେ ବାଲେଶ୍ୱରରେ ଅସୁବିଧା କେଉଁଠି ଥିଲା ବୋଲି ତାଙ୍କ ମନ ପ୍ରଶ୍ନ କରୁଛି । ଏବେ ଏବେ ରବୀନ୍ଦ୍ର ଆଉ ନିଜ ପୋଷ୍ଟର କି ବ୍ୟାନରରେ ନବୀନ ଓ ଶଙ୍ଖର ଫଟୋ ନରଖି ସଂଗଠନ ଆରମ୍ଭ କରିଦେଇଛି। ଚର୍ଚ୍ଚା ହେଉଛି ୨୦୨୯ ରେ ପ୍ରତାପ ନନା ଆଉ କୁଆଡ଼େ ସାଂସଦ ଭାବେ ଠିଆ ହେବେନି । ସେ ପୁଣି ନୀଳଗିରି ଉପରେ ନଜର ରଖିଛନ୍ତି। ଯାହାକି ରବୀନ୍ଦ୍ରଙ୍କ ପାଇଁ ଏକ ସୁଯୋଗ ସୃଷ୍ଟିକରିବ। ସେଥିପାଇଁ ବେଳ ଥାଉଥାଉ ରବୀନ୍ଦ୍ର ଏବେ ବନ୍ଧ ବାନ୍ଧିବା ଆରମ୍ଭ କରିଛନ୍ତି।

ଗର୍ବିତ ଓଡ଼ିଆ

# ଯାଜପୁର ବିଜେଡ଼ିର ନିଶ ନାହିଁ

ଓଃ କି ଗର୍ବ, କି ଅହଙ୍କାର। ଏକଦା ଯାଜପୁରରେ ବିଜେଡ଼ି ବାଲା ୫୬ ଇଞ୍ଚ ଛାତି ଦେଖାଇ ବୁଲୁଥିଲେ। ଯୁଆଡ଼େ ଅନାଇବୁ ସିଆଡ଼େ ଖାଲି ଶଙ୍ଖ। ବବି ଦାସ, ଡାନି ଘଡ଼େଇ, ଜିତୁ ବଳବନ୍ତରାୟ, ପ୍ରମିଳା ମଲ୍ଲିକ ସମସ୍ତେ ପାୱାରଫୁଲ୍। କେହିବି ହାରୁନଥିଲେ, ସମସ୍ତେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ, ଅପରାଜେୟ। ସଂଗଠନକୁ ନେଇ ଫୁଟାଣି ମାରିବାରେ ହେଳା କରୁନଥିଲେ। ହେଲେ ସରକାରୀ କ୍ଷମତା ଯିବାର ୧୮ ମାସ ଯାଇନି, ବିଜେଡ଼ି ହୁଡ଼ା ଡେଇଁ ସେମାନଙ୍କ କର୍ମୀ ଓ ଆଗଧାଡ଼ିର ନେତାମାନେ ସବୁ ପଦ୍ମ ପୋଖରୀରେ ବୁଡ଼ ପକେଇଲେଣି। ଏପଟେ ଅମର ନାୟକ ଆଉ ସେପଟେ ଲିକୁ ସାହୁ ବିଜେଡ଼ିକୁ ରୁନ୍ଧି ସାରିଲେଣି। ଆକାଶ ବି ସେମାନଙ୍କ ସହ ତାଳଦେଇ ଶଙ୍ଖ ଫଟେଇ ଚାଲିଛନ୍ତି। ଆଜିକା ଦିନରେ ଯାଜପୁରର ସ୍ଥିତି ଦେଖିଲେ ଲାଗୁଛି ଯେମିତି ହେଭିୱେଟ୍ ବୋଲାଉଥିବା ନେତାମାନେ ବୋଧହୁଏ ଅପାରଗ ହୋଇଯାଇଛନ୍ତି ।







ଆମେ ସମସ୍ତେ ଜାଣିଛେ, ଯାଜପୁର ଥିଲା ବିଜେଡ଼ିର ଗଡ଼। ପ୍ରଣବ ପ୍ରକାଶ ଦାସ ଥିଲେ ଦଳର ସଂଗଠନ ସମ୍ପାଦକ। ପ୍ରୀତିରଞ୍ଜନ ଘଡ଼େଇ ଥିଲେ ମନ୍ତ୍ରୀ। ପ୍ରମିଳା ମଲ୍ଲିକ ବି ମନ୍ତ୍ରୀ ଥିଲେ, ଏବେ ବିରୋଧୀ ଦଳ ମୁଖ୍ୟ ସଚେତିକା ବି ଅଛନ୍ତି। ଜିତୁ ବଳବନ୍ତରାୟ ବି ବବିଙ୍କ ବଳରେ କ୍ଷମତାଶାଳୀ ଥିଲେ। ଯୁବ ବିଜେଡ଼ି ବି ବୁଝାଶୁଝା କରୁଥିଲେ। ବବିବି ଗର୍ବରେ କୁହନ୍ତି, ଯାଜପୁରରେ ବିଜେଡ଼ି କହିଲେ ବବି, ଜିତୁ ଓ ଡାନି। ହେଲେ ଏବେ, କୁଆଡ଼େ ଗଲେ ଯାଜପୁର ବିଜେଡ଼ି ? କୁଆଡ଼େ ଗଲେ ଜିଲ୍ଲାର ଏହି ତିନି ନେତା ? ପରସ୍ପରର ଗୋଛି କଟାରେ ଲାଗିଥିବା ନେତାମାନଙ୍କ ପାଇଁ ଶଙ୍ଖ ଫାଟି ଗୁଣ୍ଡ ହୋଇଯାଇଛି। ଗାଏମୋଟ୍ କହିଲେ ଯାଜପୁର ବିଜେଡ଼ି ନେତାଙ୍କ ରାଜ୍ୟସ୍ତରୀୟ ନେତା ହେବାର ଝୁଙ୍କ ଜିଲ୍ଲାରେ ଦଳକୁ ପୋଛି ଦେଇଛି କହିଲେ ଭୁଲ୍? ହେବନାହିଁ ।

ଏଇ ନିକଟରେ ବିଜେଡ଼ି ଯାଜପୁର ଜିଲ୍ଲା ପରିଷଦ ଅଧ୍ୟକ୍ଷା ନଳିନୀପ୍ରଭା ଜେନା ଏବଂ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ବିଜେପିକୁ ପଳାଇଲେ। ଖାଲି ସେତିକିନୁହେଁ ପୂର୍ବତନ ବିଜେଡ଼ି ସାଂସଦ ରୀତା ତରାଇବି ବିଜେପିକୁ ପଳାଇଲେ। ଜିଲ୍ଲାର ୧୬ ଜିଲ୍ଲା ପରିଷଦ ସଦସ୍ୟ ଏବେ ବିଜେପିରେ। ସାଧାରଣ ସରପଞ୍ଚ କି ସମିତିସଭ୍ୟ ଦଳ ଛାଡ଼ିବାଟା କାହାକୁ ଚକିତ କରିବନି। କିନ୍ତୁ ପାୱାରରେ ଥିବା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦଳ ଛାଡ଼ିଲେ ସମସ୍ତେ ଚକିତ ହେବା ସ୍ୱାଭାବିକ।

୩୦ ଜିଲ୍ଲାରେ ଆମେ ଜିଲ୍ଲା ପରିଷଦ ଗଢ଼ିଲୁ ବୋଲି ୨୦୨୨ ପଞ୍ଚାୟତ ନିର୍ବାଚନ ପରେ ବବି ଦାସ ଛାତି ଫୁଲାଇ ବାହାସ୍ଫୋଟ ମାରୁଥିଲେ। ଏବେ ତାଙ୍କରି ଜିଲ୍ଲାରେ ମାତ୍ର ୧୮ ମାସ କ୍ଷମତାରୁ ଯିବା ପରେ ବଡ଼ ବଡ଼ ନେତ୍ରୀ ବି ଦଳ ଛାଡ଼ିଦେବାକୁ ନେତାଙ୍କ ଅପାରଗତା କୁହାଯିବନି ତ ଆଉ କ'ଣ କୁହାଯିବ ? ବ୍ଲକ ଅଧ୍ୟକ୍ଷ ତ ସ୍ଥାନୀୟ ନେତାଙ୍କ ଆଶୀର୍ବାଦରେ ହୋଇଥା'ନ୍ତି। ସାଧାରଣ ନେତାଙ୍କ ନିର୍ବାଚନମଣ୍ଡଳୀରେ ଏମିତି ଘଟଣା ଘଟିଲେ ସେମାନେ କାମଦାମ ଲୋଭରେ ଗଲେ ବୋଲି କହିହେବ। ହେଲେ ଏତେ ପ୍ରଭାବଶାଳୀ ନେତା ଥିବା ଜିଲ୍ଲାରେ ବିଜେଡ଼ିର ଏମିତି ଦୟନୀୟ ସ୍ଥିତି କାହିଁକି? ଏଥିପାଇଁ ବବି ଦାସ, ଡାନି ଘଡ଼େଇ, ପ୍ରମିଳା ମଲ୍ଲିକ, ଜିତୁ ବଳବନ୍ତରାୟଙ୍କୁ କାହିଁକି ଦାୟୀ କରାନଯିବ ? ନବୀନ ଏଇ ଯେଉଁ ସମୀକ୍ଷା କରୁଛନ୍ତି, ପ୍ରଥମେ ଯାଜପୁରକୁ ସଜାଡ଼ିବାକୁ ନେତାମାନଙ୍କୁ ଡାକି ତାଗିଦ୍ କରିବା ଦରକାର ବୋଲି ବିଜେଡ଼ି ନେତାମାନେ ମତପୋଷଣ କରିଛନ୍ତି। ବବି ଯେତେବେଳେ ଯାଜପୁରରେ ବିଜେଡ଼ିକୁ ରକ୍ଷା କରିପାରୁନାହାନ୍ତି, ସେ ରାଜ୍ୟ ବିଜେଡ଼ିକୁ କେମିତି ସମ୍ଭାଳିବେ? ସେ ପ୍ରଶ୍ନ ଉଠିବା ବି ସ୍ୱାଭାବିକ।

Printed & Published by BALARAM RANASINGH on behalf of BALARAM RANASINGH, Printed at Mayur Offset Printers
Plot No D 1/1, Sec-A, Zone-D, Mancheswar Industrial Estate Bhubaneswar-751010, Khordha, Odisha and published at
AT- MANITRI, PO- GARHMANATIR, BEGUNIA, DIST-KHORDHA, ODISHA, e-mail: garvitodia@gmail.com, +91-9040988908

Editor
BALARAM RANASINGH